# ଧଳା ଜହର କବ୍‌ଜାରେ କାକଟପୁର; ପଥଭ୍ରଷ୍ଟ ଯୁବପିଢ଼ି

କାକଟପୁର,୨୪।୧(ସମିସ)

ରାତାରାତି କୋଟିପତି ହେବାର ନିଶା ଲାଗି ବର୍ତ୍ତମାନ କାକଟପୁର ବଜାରର ବିଭିନ୍ନ ଜାଗା ସମେତ ଗାଁ ଗହଳି ଓ ଛକ ଜାଗା ସହିତ ଉକ୍ତ ଥାନା ଅଞ୍ଚଳର କୁଣ୍ଢେଇ ହାଟ, ପାଟପୁର, ବାଙ୍ଗୁରୀଗାଁ, ଜିଉଁନ୍ତି, ଖଣ୍ଡାସାହି, ପାଟସୁନ୍ଦରପୁର, ବଲରା, ଓଥକା, ମଲାମାଛ, ଦହିଖିଆ, ଖଣ୍ଡାସାହି ତାଳଦା ସେତୁ ଆଦି ସ୍ଥାନମାନଙ୍କରେ ବ୍ରାଉନ୍‌ସୁଗର କାରବାର ଅହେତୁକ ବୃଦ୍ଧି ପାଇବାରେ ଲାଗିଛି। ଧଳାଜହର ସେବନ କରିବା ଫଳରେ ପାରିବାରିକ ହିଂସା, ଅଶାନ୍ତି, ଗଣ୍ଡଗୋଳ ଏବଂ ଲୁଟ୍‌ତରାଜ ବଢୁଥିବାବେଳେ ଧଳାଜହର ଖାଉଥିବା ବ୍ୟକ୍ତିଟି ସର୍ବସ୍ୱାନ୍ତ ହେଉଛି। ଏମିତି ବି ଶୁଣିବାକୁ ମିଳୁଛି ଘରେ ଘରେ କିଛି ମହିଳା ମଧ୍ୟ ପୁରୁଷମାନଙ୍କ ସହିତ ଏହି ବେପାର କରିବାକୁ ଲାଗିଲେଣି।



ତେଣୁ ଗାଁ ଗହଳିରେ ଏବେ ପାଉଡରର ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ସେବନ କରି ପଥଭ୍ରଷ୍ଟ ହେଉଥିବା ଯୁବପିଢ଼ି ବିଭିନ୍ନ ସମୟରେ ବହୁ ଅନୈତିକ କାର୍ଯ୍ୟ କରିବାକୁ ପଛାଉନାହାନ୍ତି। ଏହି ବେପାର ଏ ଅଞ୍ଚଳରେ ଏତେ ମାତ୍ରାରେ ବଢ଼ିଯାଇଛି ଯେ, ଅବକାରୀ ବିଭାଗ ଏବଂ ପୁଲିସ କର୍ମଚାରୀମାନେ ତା'ର ଟେର୍ ପାଉନାହାନ୍ତି।

କିଛି ଦୋକାନ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ସିଗାରେଟ୍ ଏବଂ ଦିଆସିଲି ଖୋଳରେ ପୁଡ଼ିଆ କରାଯାଇ ଗ୍ରାହକଙ୍କୁ ବିକ୍ରି କରାଯାଉଛି। ଗାଁ ଗହଳିରେ ଯେଉଁ ଯୁବକମାନେ ଦିନେ ବ୍ୟବସାୟ କରି ଭଲ ଦୁଇ ପଇସା ରୋଜଗାର କରୁଥିଲେ ସେମାନେ ଧଳାଜହର କବଳରେ ପଡ଼ି କାଙ୍ଗାଳ ହୋଇ ଘରେ ବସି ବାପା-ମାଆଙ୍କ ଉପରେ ବୋଝ ପାଲଟିଥିବାର ଦେଖିବାକୁ ମିଳୁଛି। ଏଥିଲାଗି ଜିଲ୍ଲା ପ୍ରଶାସନ, ବିଭିନ୍ନ ସାମାଜିକ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସଚେତନ କରାଯାଇ ମିଳିତ ଭାବେ ଏହାର ପ୍ରତିବାଦ କଲେ ଏହି ବେପାର ଗାଁ ଗହଳିରୁ ଦୂର ହେବା

**ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ନିଷ୍କ୍ରିୟ**

ସହ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତି। ଅପରପକ୍ଷରେ ପୁରୀ ଜିଲ୍ଲା ଅବକାରୀ ବିଭାଗ କିମ୍ବା କାକଟପୁର ପୁଲିସ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା କାରଣରୁ ନିଶାଡ଼ିମାନେ ଅଧିକ ସକ୍ରିୟ ହୋଇପଡୁଥିବା ଜଣାପଡ଼ିଛି।

## ସରକାରୀ ମଦ ଦୋକାନରୁ ଗ୍ରାମାଞ୍ଚଳକୁ ଚୋରା ଚାଲାଣ

ନୂଆପଲମହାଟ,୨୪।୧(ସମିସ): ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ସରକାରୀ ବିଦେଶୀ ମଦ ଦୋକାନରୁ ଗ୍ରାମାଞ୍ଚଳକୁ ଚୋରା ମଦ କାରବାର ବୃଦ୍ଧି ପାଉଛି। ଫଳରେ ଗ୍ରାମାଞ୍ଚଳରେ ଥିବା ଦୋକାନଗୁଡ଼ିକୁ ଦିବାଲୋକରେ ଗାଡ଼ି ସାହାଯ୍ୟରେ ମଦ ଚାଲାଣ କରାଯାଉଥିବା ବେଳେ ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ନିରବ ରହିଛି।

ପ୍ରକାଶ ଯେ, ନୂଆପଲମହାଟ ନିକଟସ୍ଥ ବିନିଶିପୁର ପଞ୍ଚାୟତରେ ଥିବା ସରକାରୀ ବିଦେଶୀ ମଦ ଦୋକାନରୁ ବହୁ ପରିମାଣର ଆଖପାଖ ଅଞ୍ଚଳକୁ ଚାଲାଣ କରାଯାଉଛି। ଯାହା ଫଳରେ ଅସାମାଜିକ ଲୋକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଭିନ୍ନ ସମୟରେ ନିଶାଖୋର୍ ଲୋକମାନେ ଗଣ୍ଡଗୋଳ ସୃଷ୍ଟି କରିବା ସହିତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥାନ୍ତି, ଯାହାକୁ ନେଇ ପୁଲିସର ମୁଣ୍ଡବ୍ୟଥାର କାରଣ ସାଜିଛି। ମଦ ପିଇବା ପାଇଁ ନିଶାଖୋର୍ ବ୍ୟକ୍ତିମାନେ ଛୋଟମୋଟ ଚୋରି କରିବାକୁ ପଛାଉ ନାହାନ୍ତି। ସନ୍ଧ୍ୟା ସମୟରେ ବିନିଶିପୁର ହାଟ, କୁଞ୍ଜିଆପାଟଣା, ବଢ଼େଇପାଟଣା, ଦେବୀ ପାଟଣା ପ୍ରମୁଖ ଗ୍ରାମରେ ମଦୁଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଝିଅ-ବୋହୂମାନେ ବାହାରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏ ଦିଗରେ କଟକ ଅବକାରୀ ବିଭାଗ ପକ୍ଷରୁ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ନିମାପଡ଼ା ଫୁଟବଲ୍ ଲିଗ୍: ଲଙ୍କେଶ୍ୱରୀ କ୍ଲବ୍ ଚାମ୍ପିଅନ



ନିମାପଡ଼ା,୨୪।୧(ସମିସ): ନିମାପଡ଼ା ପ୍ରିମିୟର ଫୁଟ୍‌ବଲ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍ ଲଙ୍କେଶ୍ୱରୀ କ୍ଲବ୍, ବଳଙ୍ଗା ପ୍ରଗତି କ୍ଲବ୍ ବିଷ୍ଣୁପୁରକୁ ହରାଇ ଚାମ୍ପିଅନ ହୋଇଛି। ବଳଙ୍ଗା କ୍ଲବ୍‌ର ଶୁଭମ୍ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇଥିଲେ। ମ୍ୟାଚ୍‌ଟିକୁ ପରିଚାଳନା କରିଥିଲେ ରେଫରୀ ନିର୍ମଳ କୁମାର ମିଶ୍ର, ସତ୍ୟଜିତ୍ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା ଓ ବିଚିତ୍ରାନନ୍ଦ ପାତ୍ର। ପୂର୍ବତନ ଖେଳାଳି ରଣଜିତ୍ କେଶରୀ ନାୟକ, ଜୟଦେବ ମହାପାତ୍ର, ଧିରେନ୍ ବରାଳ ଓ ପ୍ରଭାକର ଭୋଇ ପ୍ରମୁଖ ଯୋଗଦେଇ ଅମୁଣିଆ ପାଟଣା କ୍ଲବ୍ ଝାମ୍ପୁଲା କୁଦ ଏବଂ ମହାବୀର କ୍ଲବ୍ ଭୁବନପୁର ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। କ୍ରୀଡ଼ାବିତ୍ ମହେନ୍ଦ୍ର ସିଂହ ଭାଟିଆ, ପଦ୍ମଚରଣ ପାଣିଗ୍ରାହୀ, ପବିତ୍ର ଭୋଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଗତି କ୍ଲବ୍ ବିଷ୍ଣୁପୁର ଚଳିତ ଫୁଟ୍‌ବଲ୍ ଲିଗ୍‌ର ରନର୍ସ ଅପ୍ ରୂପେ ରଣଜିତ୍ କେଶରୀ ନାୟକଙ୍କଠାରୁ ୨୦୦୦ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ଆସୋସିଏସନର ସଭାପତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଚାମ୍ପିଅନ ବଳଙ୍ଗା ଦଳକୁ ୩୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଆସୋସିଏସନ୍‌ର ସମ୍ପାଦକ ପ୍ରକାଶ କୁମାର ବରାଳ, ବିଶ୍ୱଜିତ୍ ମଲ୍ଲିକ, ଜିତେନ୍ କାନୁନ୍‌ଗୋ, କାର୍ଯ୍ୟକାରୀ ସଭାପତି ଧିରେନ ବରାଳ ସହଯୋଗ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଉଗ୍ରତାରା କ୍ରିକେଟ ଏକାଡେମୀ ବିଜୟୀ

ସାକ୍ଷୀଗୋପାଳ,୨୪।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ୍, ସାକ୍ଷୀଗୋପାଳ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶନିବାର ବିରାମ ଦିବସରେ ପଞ୍ଚସଖା ମେମୋରିଆଲ କ୍ଲବ୍ ଓ ମା' ଉଗ୍ରତାରା କ୍ରିକେଟ ଏକାଡେମୀ, ତୁଳସୀ ଚଉରା ଚନ୍ଦନପୁରର ୧୯ବର୍ଷରୁ କମ୍ ଖେଳାଳିମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପଞ୍ଚସଖା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଦୁର୍ଗାପ୍ରସାଦ ଦାସଙ୍କ ୧୦୧ ରନ୍ ସହାୟତାରେ ୨୩୯ ରନ୍ ସଂଗ୍ରହ କରିଥିଲା। ଜବାବରେ ମା' ଉଗ୍ରତାରା କ୍ରିକେଟ ଏକାଡେମୀ ତୁଳସୀ ଚଉରା, ଚନ୍ଦନପୁର ଦଳ ୨୪୦ ରନ୍ କରି ବିଜୟ ହାସଲ କରିଥିଲା। ମ୍ୟାଚ୍‌କୁ ପ୍ରଶାନ୍ତ ଶତପଥୀ ଓ ଚନ୍ଦ୍ରମାଧବ ଦାଶ ପରିଚାଳନା କରିଥିଲେ। ଶେଷରେ ଚନ୍ଦନପୁର ଏକାଦଶର ଶକ୍ତିଜିତ୍ ଶତପଥିଙ୍କୁ ଆକର୍ଷଣୀୟ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଓସ୍କାର କ୍ଲବ୍ ଭୁବନେଶ୍ୱର ପୂର୍ବତନ ଖେଳାଳି ଓ କୋଚ୍ ମନୋଜ କୁମାର ମହାରଣା ପ୍ରଦାନ କରିଥିଲେ। ମ୍ୟାଚରେ ଭାଷ୍ୟକାର ରାଧାକ୍ରିଷ୍ଣ ମୁନା ସିଂ ସମ୍ପୂର୍ଣ୍ଣ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ପୁରୀ ପାୟୋନିୟର୍ସ ଓ ଜଟଣୀ କ୍ରିକେଟ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପଞ୍ଚସଖାର ସମ୍ପାଦକ ଉମାଶଙ୍କର ମହାପାତ୍ର ଜଣାଇଛନ୍ତି।





## ଭଲିବଲ ପ୍ରତିଯୋଗିତା: ବ୍ରଦର୍ସ ପାୱାର ଚାମ୍ପିଅନ

କଣାସ,୨୪।୧(ସମିସ): କଣାସ ବ୍ଲକ୍ ଦୋଛିଆଁ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ପଞ୍ଚାୟତ ପ୍ରିମିୟର୍ ଲିଗ୍ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁଇଟ୍ ସ୍ୱାଇକରକୁ ୨-୧ ସେଟ୍‌ରେ ହରାଇ ବ୍ରଦର୍ସ ପାୱାର ଚାମ୍ପିଅନ ହୋଇଛି। ପ୍ରଥମେ ଏହି ପ୍ରତିଯୋଗିତାକୁ ଦୋଛିଆଁ ପୂର୍ବତନ ସରପଞ୍ଚ ବନମାଳୀ ରାଉତ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ପ୍ରକାଶ ପରିଡ଼ା। ଏଥିରେ ମୁଖ୍ୟ ଅତିଥିଭାବେ ସମାଜସେବୀ ମୋହନ କୁମାର ପରିଡ଼ା ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଜୟ ପ୍ରଧାନ, କିଶୋର ଦଳାଇ, ମାରୁତି ପ୍ରଧାନ, ଜିତେନ୍ଦ୍ର ମଙ୍ଗରାଜ, ବିଶ୍ୱଭୂଷଣ ସାମନ୍ତରାୟ, ରବିନ୍ଦ୍ର ନାଥ ସାହୁ, ପ୍ରଭାକର ଉଦୟସିଂହ, ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ପଞ୍ଚାୟତର ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ବ୍ରଦର୍ସ ପାୱାର ସହିତ ସୁଇଟ୍ ସ୍ୱାଇକର ମଧ୍ୟରେ ହୋଇଥିଲା। ୨-୧ ସେଟ୍‌ରେ ବ୍ରଦର୍ସ ପାୱାର ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହିତ ୩ ହଜାର, ରନର୍ସଅପ୍ ଦଳକୁ ଟ୍ରଫି ସହିତ ୨ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଆଲୋକ ସାହୁ, ସିଦ୍ଧାନ୍ତ ସାହୁ, ସନ୍ତୋଷ ସୁବୁଦ୍ଧି, ସୁଶାନ୍ତ ପରିଡ଼ା ଓ କାହ୍ନୁଚରଣ ସାହୁ ଖେଳ ପରିଚାଳନା କରିଥିବାବେଳେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ଓଡ଼ିଆ ବିଭାଗର ପାଠଚକ୍ର ଆୟୋଜିତ



ସାକ୍ଷୀଗୋପାଳ,୨୪।୧(ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ସଭାଗୃହରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଏବଂ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ, ଧୂପଦୀପ ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ 'ଭାଷା ଓ ବ୍ୟାକରଣ ପାଠର ଉପଯୋଗିତା' ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ଶଙ୍କର୍ଷଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ପାଠଚକ୍ରର ଉଦ୍ଦେଶ୍ୟ କଥନ କରିଥିଲେ। ଅଧ୍ୟାପିକା ପ୍ରତିମା ସାହୁ ମଞ୍ଚ ପରିଚାଳନା କରିଥିଲେ। ଅମ୍ବିକା ସେଠୀ, ନିରଞ୍ଜନ ମହାରଣା, ଅମରେଶ ପଣ୍ଡା, ଚିନ୍ମୟ ପାତ୍ର ପ୍ରମୁଖ ବିଭାଗୀୟ ଛାତ୍ରଛାତ୍ରୀମାନେ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ପ୍ରୀତି, ପୁଷ୍ପା, ଶୁଭସ୍ମିତା ପ୍ରମୁଖ +୩ ଦ୍ୱିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପିକା ସବିତା ମଲ୍ଲିକ ପାଠଚକ୍ରର ସଫଳତା ପାଇଁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନ ମଣ୍ଡି ଉଦ୍‌ଘାଟିତ

ବଳଙ୍ଗା,୨୪।୧(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତ ଅଧୀନ ହରଦୂର୍ଗା ସେବା ସମବାୟ ସମିତି ଅଲାରପୁରଠାରେ ଶନିବାର ଧାନ ମଣ୍ଡି ଉଦ୍‌ଘାଟି ହୋଇଛି। ଏହି କାର୍ଯ୍ୟକ୍ରମରେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ହରଦୂର୍ଗା ସେବା ସମବାୟ ସମିତି ସମ୍ପାଦକ ସୁଶାନ୍ତ କୁମାର ସାହୁ, ଭରତ ସାହୁ, ଗିରିଧାରୀ ମହାପାତ୍ର, ନାରାୟଣ ଷଡ଼ଙ୍ଗୀ, ରଘୁନାଥ ସାହୁ, କୃଷ୍ଣଚନ୍ଦ୍ର ତିଆଡ଼ି ପ୍ରଭୃତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହାକୁ ପରିଚାଳନା କରିଥିଲେ ଅଗ୍ରଣୀ ଯୁବ ଚାଷୀ ତଥା ଯୁବ ସମାଜସେବୀ ଅଶ୍ୱିନୀ କୁମାର ସାହୁ।



## କବି ଅରକ୍ଷିତ ପ୍ରଧାନଙ୍କ ୮୬ତମ ଜୟନ୍ତୀ

ବ୍ରହ୍ମଗିରି,୨୪।୧(ସମିସ): ଓଡ଼ିଶାର ବିଶିଷ୍ଟ ବରପୁତ୍ର, ଯଶୋଦୀପ୍ତ କବି ଓ ସାହିତ୍ୟିକ ତଥା ସାରସ୍ୱତ ସାଧକ କୁମାର କବି ଅରକ୍ଷିତ ପ୍ରଧାନଙ୍କ ସ୍ମୃତିରେ ଗୋଖରାସ୍ଥିତ ମୃତ୍ୟୁଞ୍ଜୟ କଲ୍ୟାଣ ମଣ୍ଡପଠାରେ ୮୬ତମ ଜନ୍ମୋତ୍ସବ ପାଳନ ହୋଇଯାଇଛି। ଏଥିରେ ତରୁଣ କବି ଦାମୋଦର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ରଖିଥିଲେ। ସଂସ୍କୃତି ଗବେଷକ ଲେଖକ ନୀଳମଣି ସୁଆର କୁମାର କବିଙ୍କୁ ସ୍ୱାଭିମାନୀ ଓ ନିର୍ଭିକ ସାହିତ୍ୟିକ ଭାବେ ବର୍ଣ୍ଣନା କରିଥିଲେ। ସାହିତ୍ୟିକ ବନମାଳୀ ଜେନା କହିଥିଲେ ଯେ କୁମାର କବି ତାଙ୍କ ସାହିତ୍ୟ ମାଧ୍ୟମରେ ସାମାଜିକ ସଂସ୍କାର ଓ ସାଂସ୍କୃତିକ ସଚେତନତା ସୃଷ୍ଟି କରୁଥିଲେ। ତାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ ପାଇଁ ସବୁସ୍ତରରେ ଉଦ୍ୟମ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଉତ୍ସବରେ ଅଧ୍ୟାପକ ସୁଶାନ୍ତ ଜେନା ଯୋଗଦେଇ କୁମାର କବିଙ୍କ ଜନ୍ମୋତ୍ସବକୁ ରାଜ୍ୟସ୍ତରୀୟ କରିବା ସହିତ ତାଙ୍କ ସାହିତ୍ୟକୃତିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବାକୁ ମନ୍ତବ୍ୟ ରଖିଥିଲେ। ତାଙ୍କ ସାଧନା ପୀଠକୁ ଐତିହ୍ୟସ୍ଥଳୀରେ ପରିଣତ କରିବାକୁ ଭାଗିରଥି ଦଳାଇ ପ୍ରସ୍ତାବ ଦେଇଥିଲେ।

## ଚାରିଛକରେ ବିଶାଳ ହିନ୍ଦୁ ସମ୍ମିଳନୀ

ଚାରିଛକ,୨୪।୧(ସମିସ): ଚାରିଛକ ମେଡିକାଲ ଛକ ନିକଟସ୍ଥ ବ୍ରହ୍ମକୁଣ୍ଡୀ ବ୍ରହ୍ମେଶ୍ୱରଙ୍କ ପଡ଼ିଆରେ ଶନିବାର ନିମାପଡ଼ା ଖଣ୍ଡ ଚାରିଛକ ମଣ୍ଡଳର ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଲିଟୁନା ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ହୃଷୀକେଶ ଦାଶ, ଗଙ୍ଗାଧର ପାଢ଼ୀ, ସୀମାନ୍ତ ଶେଖର ରଥ, ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଗଙ୍ଗାଧର ପାଣି, ସଞ୍ଜୟ ବାରିକ, ଭରତ ବାରିକ, ପ୍ରସନ୍ନ ଦାସ, ସୁନିଲ କାଣ୍ଡି, ଦୁର୍ଯ୍ୟୋଧନ ପଟ୍ଟନାୟକ, ବିଜୟ ବେହେରା, ପର୍ଶୁରାମ ପ୍ରଧାନ, ବାମୁରାମ ପାତ୍ର, ମଣ୍ଟୁ ଭାଇଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ କର୍ମୀମାନଙ୍କ ଦ୍ୱାରା ଚାରିଛକ ମୁଖ୍ୟ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ସଭାସ୍ଥଳରେ ପହଞ୍ଚିଥିଲା। ଆଗାମୀ ଦିନରେ ସଂଗଠନକୁ ମଜଭୁତ କରିବାକୁ ସମସ୍ତେ ଶପଥ ନେଇଥିଲେ।

## ମା' ଲକ୍ଷ୍ମୀ କ୍ଲବ୍ ପକ୍ଷରୁ ୨୬ରେ ରକ୍ତଦାନ ଶିବିର



ଅସ୍ତରଙ୍ଗ,୨୪।୧(ସମିସ): ରକ୍ତଦାନ ଏକ ମହତ୍ ଦାନ ପ୍ରତ୍ୟେକ ବର୍ଷ ଆମ ଦେଶରେ ହଜାର ହଜାର ଲୋକ ରକ୍ତ ଅଭାବରୁ ପ୍ରାଣ ହରାଉଛନ୍ତି। ସେହି ଘଟଣାକୁ ଆଖି ଆଗରେ ରଖି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କରି ଆସୁଛନ୍ତି। ତା' ଭିତରେ ଅସ୍ତରଙ୍ଗର ଅଗ୍ରଣୀ ଅନୁଷ୍ଠାନ ମା' ଲକ୍ଷ୍ମୀ କ୍ଲବ୍ ବିଗତ ଦିନମାନଙ୍କରେ ବିଭିନ୍ନ ସାମାଜିକ କାର୍ଯ୍ୟ ହାତକୁ ନେଇ ପ୍ରତ୍ୟେକ ବର୍ଷ ନିଜ ଅନୁଷ୍ଠାନର ଗରିମାକୁ ଊର୍ଦ୍ଧ୍ୱ କରିଥା'ନ୍ତି କିନ୍ତୁ ଚଳିତ ବର୍ଷ ଜାନୁଆରୀ ୨୬ ତାରିଖରେ ଅନୁଷ୍ଠାନ ତରଫରୁ କ୍ଲବ୍ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ। ଯାହାକୁ ନେଇ ଶନିବାର କ୍ଲବ୍ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉପଦେଷ୍ଟା ଚିତ୍ରସେନ ପ୍ରଧାନ, ବାବୁରାମ ସ୍ୱାଇଁ, ଅକ୍ଷୟ ମୁରୁଣୀ, ସଭାପତି ହରିହର ମହାନ୍ତି, ଉପସଭାପତି ମନୋଜ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଦେବାଶିଷ ବାରିକ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ସହସମ୍ପାଦକ ସମୀର କର ଏବଂ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି, ଅପରେସନ ସମୟରେ ଦରକାର ହେଉଥିବା ରକ୍ତ ଏବଂ ଥାଲାସେମିଆ ରୋଗୀମାନଙ୍କ ପାଇଁ ନିଃସ୍ୱାର୍ଥ ରକ୍ତଦାନ କରି ଅନେକ ଜୀବନ ଉଦ୍ଧାର କରିବା। ମା' ଲକ୍ଷ୍ମୀ କ୍ଲବ୍ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

## ମତ୍ସ୍ୟ ମହାସଂଘର ପୂର୍ବତନ ସଭାପତିଙ୍କ ସ୍ମୃତି ସଭା

କଣାସ,୨୪।୧(ସମିସ): କଣାସ ବ୍ଲକ୍ ସରସ୍ୱତୀ ନଗରଠାରେ ମତ୍ସ୍ୟ ମହାସଂଘର ପୂର୍ବତନ ସଭାପତି ଅନାଦୀ ବେହେରାଙ୍କ ସ୍ମୃତିଚାରଣ ସଭା ଶନିବାର ତାଙ୍କ ବାସଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ସାଥୀ ଅନାଦୀ ବେହେରା ଚିଲିକାକୁ ଘେରିମୁକ୍ତ କରିବା, ଦୟା, ମକରା, ରାଜୁଆ, ମଲାଗୁଣୀ ଓ ଲୁଣା ନଦୀର ସ୍ୱଚ୍ଛତା ପାଇଁ ଲଢ଼େଇ କରୁଥିଲେ। ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ପ୍ରାୟ ଦେଢ଼ଶହ ଗ୍ରାମର ମତ୍ସ୍ୟଜୀବୀଙ୍କ ଜୀବନ ବିପନ୍ନ ହୋଇପଡ଼ିଛି। ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ ଦୟା, ମକରା, ରାଜୁଆ ନଦୀ ସହିତ ଚିଲିକା ହ୍ରଦର ଜଳ ପ୍ରଦୂଷିତ କରୁଥିବାରୁ ବିରୋଧରେ ତଥା କୃଷକମାନଙ୍କର କୃଷିର ସମାଧାନ ପାଇଁ ସାଥୀ ଅନାଦୀ ବେହେରା ଶେଷ ଜୀବନ ପର୍ଯ୍ୟନ୍ତ ଲଢ଼େଇ କରୁଥିଲେ। ସରସ୍ୱତୀ ନଗର ଏକ ନୂତନ ଗ୍ରାମ ପ୍ରତିଷ୍ଠାରେ ସାଥୀ ଅନାଦୀଙ୍କ ପ୍ରମୁଖ ଅବଦାନ ଥିବା ସ୍ମୃତିସଭାରେ ବକ୍ତାମାନେ ସୂଚନା ଦେଇଥିଲେ। ପ୍ରହଲ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅଶୋକ ପ୍ରଧାନ, ଭାଗିରଥୀ ବେହେରାକୁ ନେଇ ଏକ ସଭାମଣ୍ଡଳ ଗଠନ କରାଯାଇଥିଲା। ବକ୍ତାଭାବେ ସିପିଆଇର(ଏମ୍‌ଏଲ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ବେହେରା ଏବଂ ମତ୍ସ୍ୟଜୀବୀ ସଂଘର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ଅମରେଶ୍ୱର ମନ୍ଦିର ଚୋରି ଘଟଣାରେ ୩ ଗିରଫ



ଚାରିଛକ,୨୪।୧(ସମିସ): ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱର ମନ୍ଦିର ଚୋରି ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ଗତ ୨୧ ତାରିଖ ରାତିରେ ୨ଜଣ ଦୁର୍ବୃତ୍ତ ଅମରେଶ୍ୱର ମନ୍ଦିରରୁ ଚୋରି ପାଇଁ ଉଦ୍ୟମ କରୁଥିବା ସମୟରେ ଚାରିଛକ ଥାନା ପୁଲିସ ପାଟ୍ରୋଲିଂ ଗାଡ଼ି ସେମାନଙ୍କୁ କାବୁ କରିଥିଲା। ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ବେଲପଡ଼ା ଦୁର୍ଗା ମନ୍ଦିର, ଅମରେଶ୍ୱର ମନ୍ଦିର, ନୟାହାଟ ତାରେଣୀ ମନ୍ଦିର ସମେତ ଗୋପ, କାକଟପୁର ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି କରିବା ସହ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ସମ୍ପୃକ୍ତ ଥିବା ସମ୍ପର୍କରେ ମାନିଥିଲେ। ପ୍ରକାଶ ଥାଉକି, ଗତ ଡିସେମ୍ବର ୨୦ ତାରିଖରେ ଅମରେଶ୍ୱର ମନ୍ଦିର ପରିସରରେ ଥିବା ୩ଟି ମନ୍ଦିରରୁ ଚୋରି ହୋଇଥିବା ନେଇ ପୂଜକ ଜୟଦେବ ପାଢ଼ୀ ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ଅଭିଯୁକ୍ତମାନେ ହେଲେ ନିଆଳି ଥାନା ଅନ୍ତର୍ଗତ ଆମ୍ବାପଡ଼ା ଗ୍ରାମର କେଦାର ଦାସ (୨୯), ବିନିଶିପୁର ଓ ନିମାପଡ଼ା ଥାନା ଅନ୍ତର୍ଗତ ଅଂଶାଲୋର ଦୁଇ ନାବାଳକ ସମେତ ୩ ଜଣକୁ ପୁଲିସ ଶନିବାର ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୁକ୍ତଙ୍କଠାରୁ ପୁଲିସ ମନ୍ଦିରର ବ୍ୟବହାର ସାମଗ୍ରୀ, ମୋବାଇଲ୍ ଓ ନଗଦ ଟଙ୍କା ଜବତ କରିଛି।

## ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଉଦ୍‌ଘାଟିତ

ନୟାହାଟ,୨୪।୧(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ଜଣାଶୁଣା ସମାଜସେବୀ ମକରଧ୍ୱଜ ସ୍ୱାଇଁ ଓଟରଠାରେ ଥିବା ପତିତପାବନ ନୋଡାଲ ୟୁପି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶୁଦ୍ଧ ପାନୀୟଜଳ ନିମନ୍ତେ ଏକ ଫ୍ରିଜର ପ୍ରଦାନ କରିଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିସରରେ ସମାଜସେବୀ ମକରଧ୍ୱଜ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିବାରୁ ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ଓ ଛାତ୍ରଛାତ୍ରୀମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଦେସ୍ଥଳି ପଞ୍ଚାୟତରେ ଏହିଭଳି ଜନହିତକର କାର୍ଯ୍ୟ କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।



# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ





କୃଷ୍ଣପ୍ରସାଦ,୨୪।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ ମା' ସରସ୍ୱତୀ ଶିଶୁମନ୍ଦିରରେ ମାତୃପିତୃ ପୂଜନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ଦୀପକ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କମଳାକାନ୍ତ ଦାସ ମହାରାଜ ଯୋଗଦେଇ କୁନିକୁନି ଶିକ୍ଷାର୍ଥୀଙ୍କୁ କିଛି ନୀତିଶିକ୍ଷା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ମାନସିଂହ ସାହିତ୍ୟ ସଂସଦ ସଭାପତି ବିଷ୍ଣୁ ପ୍ରସାଦ ଦଳେଇ, ସମ୍ମାନିତ ଅତିଥିଭାବେ ମାନସିଂହ ସାହିତ୍ୟ ସଂସଦର ସମ୍ପାଦକ ତଥା ଜଣେ ପ୍ରତିଷ୍ଠିତ କବି, ଗାଳ୍ପିକ ଲଳିତ ସ୍ୱାଇଁ, ରାଜକିଶୋର ବିଶ୍ୱାଳ, ଲକ୍ଷ୍ମୀଧର ବିଶ୍ୱାଳ ଯୋଗଦେଇଥିଲେ। ବିଦ୍ୟାଳୟର କୁନି କୁନି ଶିକ୍ଷାର୍ଥୀମାନେ ପିତା-ମାତା, ଗୁରୁମାନଙ୍କୁ ଚନ୍ଦନ, ଧୂପ, ଦୀପ ଦେଇ ପୂଜା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ରଶ୍ମିତା ପ୍ରଧାନ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ସିଲ୍ କପ୍ ଆଦି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସଭାପତି ଜଗବନ୍ଧୁ ସେନାପତି, ସମ୍ପାଦକ ଶିବରାମ ଜେନା, ସହ ସମ୍ପାଦକ ଦୈତାରୀ ବିଶ୍ୱାଳ, କୋଷାଧ୍ୟକ୍ଷ ନଗେନ୍ଦ୍ର ଜଗଦେବ ନାୟକ, ବିଦ୍ୟାଳୟ ପରିଚାଳକ ସଂଘମିତ୍ରା ଦାସ, ସ୍କାଉଟ୍ସ ଶିକ୍ଷକ ସାଗର ସାହୁ, ନୃତ୍ୟ ନିର୍ଦ୍ଦେଶକ ବସନ୍ତ ସେଠୀ, ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଶୋଇ ଯୋଗଦେଇଥିଲେ। ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। କବି ବିଷ୍ଣୁ ପ୍ରସାଦ ଦଳେଇ, କବି ଲଳିତ କୁମାର ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ କୈଳାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)
ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)
ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

୨୪/୧/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୮୪,୯୯୮/- ସୁନା:୨୨.୮୦୦ ଗ୍ରାମ୍ ରୁପା: ୩୯.୫୦୦ ଗ୍ରାମ୍





## ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ କଟକଣା ଉଲ୍ଲଙ୍ଘନ

# କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

**ପୁରୀ, ୨୪।୧ (ସମିସ):** ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ବାରମ୍ବାର ଉଡୁଛି ଡ୍ରୋନ୍। ଏହି ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ସମସ୍ତେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବାବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ସୁରକ୍ଷା ବଳୟକୁ ଭେଦ କରି କେତେବେଳେ ସ୍ପାଏ କ୍ୟାମେରା, ମୋବାଇଲ୍ ଫୋନ୍ ଭିତରକୁ ନିଆଯାଉଛି ତ ପୁଣି କେତେବେଳେ ମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ଭିତରର ବହୁ



ସମ୍ବେଦନଶୀଳ ସ୍ଥାନର ଫଟୋ, ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏପରିକି ଭିତରୁ ଭିଡିଓ କଲ୍ କରାଯାଉଛି। ଏବେ କିନ୍ତୁ ଚିନ୍ତା ବଢ଼ାଇ ଦେଲାଣି ଡ୍ରୋନ୍ ଉଡ଼ାଣ। କିଛିଦିନର ବ୍ୟବଧାନ ପରେ ଗତ ଦୁଇଦିନ ଧରି ଦୁଇଥର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ହୋଇଛି। ବୁଧବାର ସନ୍ଧ୍ୟାରେ ମନ୍ଦିର ଉପରେ ଡ୍ରୋନ୍ ଉଡୁଥିବାବେଳେ ପୁଲିସ ନଜରକୁ ଆସିଥିଲା। ସିଂହଦ୍ୱାର ଥାନା ସମେତ ଅନ୍ୟ ଏକ ସ୍ୱତନ୍ତ୍ର ଟିମ୍ ଡ୍ରୋନ୍‌କୁ ଜବତ କରିବାରେ ସମର୍ଥ ହୋଇଥିଲେ। ଦୁଇଟି ଯାକ ଟିମ୍ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ନିକଟରୁ ଡ୍ରୋନ୍‌କୁ ଜବତ କରିବା ସହ କଟକ କାଜିଡିହର ମଧୁସୂଦନ ଷଡ଼ଙ୍ଗୀ (୨୫)ଙ୍କୁ କାବୁ କରିଥିଲେ। ସମାନ ଭାବେ ଗୁରୁବାର ମଧ୍ୟ ଏହି ଘଟଣା ଘଟିଥିଲା। ମନ୍ଦିର ଉପରେ ଡ୍ରୋନ୍ ଉଡ଼ାଉଥିବା ବେଳେ ପୁଲିସ ଝାଡ଼ଖଣ୍ଡ ରାଞ୍ଚିର ଯଶବନ୍ତ ମାଥୋ(୨୦)ଙ୍କୁ କାବୁ କରିଥିଲା। ଉଭୟଙ୍କୁ ସିଂହଦ୍ୱାର ଥାନାକୁ ଆଣି ଯାଞ୍ଚ କରାଯାଇଥିବା ବେଳେ ସେମାନଙ୍କ ଡ୍ରୋନ୍‌ରେ ଶ୍ରୀମନ୍ଦିର ଭିଡିଓ ରହିଥିବା ଜଣାପଡ଼ିଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। ଏହା ପୂର୍ବରୁ ମଧ୍ୟ ପୁଲିସ ଅନେକ ଉଡ଼ାଣକାରୀଙ୍କୁ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁ ନାହିଁ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ବାରମ୍ବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ନଜରକୁ ଆସୁଛି। ତେଣୁ ମନ୍ଦିରର ସୁରକ୍ଷା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା ଲାଗୁ କରାଯିବ। ସେହିପରି ଗତବର୍ଷ ଅକ୍ଟୋବର ୧୦ ତାରିଖରେ ଶ୍ରୀମନ୍ଦିର ସୁରକ୍ଷା ନେଇ ଗଠିତ ସବ୍ କମିଟି ବୈଠକରେ ମଧ୍ୟ ଏହା ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରାଯିବ ବୋଲି ବୈଠକ ପରେ ସଦସ୍ୟମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା ଲାଗିପାରି ନାହିଁ। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍? ଅପରପକ୍ଷେ ଶ୍ରୀମନ୍ଦିର ସୁରକ୍ଷା ନେଇ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଏକ ଚିନ୍ତାର ବିଷୟ। ଏହା ସମ୍ବେଦନଶୀଳ ଓ ଦୀର୍ଘକାଳୀନ ପ୍ରକ୍ରିୟା। ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କୁ ପଠାଯାଇଛି। ଆଇନରେ ପରିବର୍ତ୍ତନ ଆସିଲେ କଡ଼ାକଡ଼ି ଦଣ୍ଡବିଧାନ ହେବ।

## ଶିଶୁ କନ୍ୟା ସାମାଜିକ ପରିବର୍ତ୍ତନର ମୁଖ୍ୟ ଶକ୍ତି



**ପୁରୀ,୨୪।୧(ସମିସ):** ସମ୍ପର୍କ ଅନୁଷ୍ଠାନ ତରଫରୁ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ସହାୟତାରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ସମୂହ ବନ୍ଦେ ମାତରଂ ଗାନ କରାଯିବା ପରେ ମହାବିଦ୍ୟାଳୟର ଅଧ୍ୟାପକ ରାକେଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଶିଶୁ କନ୍ୟାମାନେ କେବଳ ଆଗାମୀ ପିଢ଼ି ନୁହେଁ, ସେମାନେ ବର୍ତ୍ତମାନର ସାମାଜିକ ପରିବର୍ତ୍ତନର ମୁଖ୍ୟ ଶକ୍ତି।

ଅନୁଷ୍ଠାନର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ସମ୍ପର୍କ ଅନୁଷ୍ଠାନ ଦୀର୍ଘଦିନ ଧରି ଶିଶୁ, ମହିଳା ଓ ଯୁବମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ କାମ କରିଆସୁଛି। ସମାଜରୁ ବାଲ୍ୟ ବିବାହ, ଲିଙ୍ଗ ଭେଦଭାବ ଓ ହିଂସା ଦୂର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭବେ ଯୋଗଦେଇଥିଲେ। ଛାତ୍ରୀ ଅତିଥି ବୈଷ୍ଣବୀ ବେହେରା ମଞ୍ଚ ମଣ୍ଡନ କରିଥିବାବେଳେ ଉପସ୍ଥିତ ସମସ୍ତଙ୍କୁ ବାଲ୍ୟ ବିବାହ ନିରୋଧ ଶପଥପାଠ କରାଇଥିଲେ। ଭାରତ ବିକାଶ ପରିଷଦ ମହିଳା ସହଭାଗିତାର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସୁପ୍ରିତି ରଥ ସମସ୍ତଙ୍କୁ ସ୍ୱଦେଶୀ ବସ୍ତୁ ବ୍ୟବହାରର ଶପଥପାଠ କରାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଶିଶୁ ଅଧିକାର ଆଇନ, ସରକାରୀ ଯୋଜନା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ଶିଶୁ କନ୍ୟାଙ୍କ ସମସ୍ୟା, ଆଇନଗତ ସହାୟତା ଓ ସଚେତନତାର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ଏହି ଅବସରରେ ସାଇବର ସୁରକ୍ଷା ଅଧିକାରୀ ଲିଙ୍ଗରାଜ ସେଠୀ ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଓ ସଚେତନତାର ଆବଶ୍ୟକତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖାର ଅଧ୍ୟକ୍ଷ ସନ୍ତୋଷ ମହାନ୍ତି, ଜୟନ୍ତୀ ମହାପାତ୍ର, ନଳିନୀପ୍ରଭା ମଲ୍ଲିକ, କିଶୋର ପଟନାୟକ, ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପର୍କର ରୋଜାଲିନ ମିଶ୍ର ଧନ୍ୟବାଦ ଜ୍ଞାପନ ପରେ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ପୁଣି ଜଣକୁ ଧକ୍କା ଦେଲା ଜଗନ୍ନାଥ ବସ୍

**ପୁରୀ,୨୪।୧(ସମିସ):** ଶୁକ୍ରବାର ନବକଳେବର ରୋଡ୍‌ରେ ଜଣେ ବୃଦ୍ଧାଙ୍କୁ ଧକ୍କା ଦେଇଥିଲା ଜଗନ୍ନାଥ ବସ୍। ଏହି ଦୁର୍ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ପୁଣି ଶନିବାର ପୁରୀରେ ସମାନ ଘଟଣା ଘଟିଛି। ଷ୍ଟର୍ଲିଂ ଛକ ନିକଟରେ ଶନିବାର ରାତିରେ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଛି ଏହି ବସ୍। ସମ୍ପୃକ୍ତ ବ୍ୟକ୍ତିଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହେଉଛି। ବ୍ୟକ୍ତି ଜଣକ ତାଙ୍କ କମ୍ପାନୀର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସ୍ଥାନୀୟ ଏକ ହୋଟେଲକୁ ଆସିଥିଲେ। ହୋଟେଲରୁ କାମ ସାରି ରାତିରେ ବାଇକ୍‌ରେ ଫେରୁଥିବାବେଳେ ତାଙ୍କୁ ଜଗନ୍ନାଥ ବସ୍ ଧକ୍କା ଦେଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ରାସ୍ତାରେ ଜଳିଗଲା କାର୍

**ପୁରୀ,୨୪।୧(ସମିସ):** ପୁରୀରେ ଶନିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱର୍ଗଦ୍ୱାର ନିଟକରେ ଏକ କାର୍‌ରେ ଅଗ୍ନିକାଣ୍ଡ ଘଟିଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ତେବେ ସ୍ଥାନୀୟ ଲୋକଙ୍କ ଉଦ୍ୟମ ଏବଂ ଅଗ୍ନିଶମ ବିଭାଗ ସହାୟତାରେ ଅଗ୍ନି ଆୟତ କରାଯାଇଛି। ଭିଡିଓରେ ଦେଖିବାକୁ ମିଳୁଛି କି ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମି ରାସ୍ତା ପାଶ୍ୱର୍ରେ ଏକ ଧଳା ରଙ୍ଗର କାର୍ ରହିଛି। କାର୍ ଆଗରେ ନିଆଁ ଲାଗିଛି। ତେବେ ସେଠାରେ ଥିବା ଲୋକ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ସର୍ଟସର୍କିଟ୍ ଯୋଗୁଁ କାର୍‌ରେ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ଅବସ୍ଥାରେ ଜଣାପଡ଼ିଛି।

## ଅଦିନିଆ ରଥଯାତ୍ରାକୁ ଆଇଏସ୍‌ଜେଆଇର ବିରୋଧ

**ପୁରୀ,୨୪।୧(ସମିସ):** ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ (ଆଇଏସ୍‌ଜେଆଇ) ଭାରତ ପକ୍ଷରୁ ଇସ୍କନ ଓ ଅନ୍ୟାନ୍ୟ ଧାର୍ମିକ ସଂଗଠନ ଆନୁକୂଲ୍ୟରେ ପୃଥିବୀର ବିଭିନ୍ନ ସ୍ଥାନରେ ଅତିଥିରେ ଏବଂ ଅଦିନରେ ହେଉଥିବା ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପାଳନକୁ ତୀବ୍ର ବିରୋଧ କରାଯାଇଛି। ମହାପ୍ରଭୁଙ୍କ ଏହି ଅନନ୍ୟ ରଥୋତ୍ସବକୁ ଏପରି ଢଙ୍ଗରେ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଶ୍ରୀକ୍ଷେତ୍ର ଧାମଠାରେ ଶୁକ୍ରବାର ପ୍ରତିଷ୍ଠାନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏ ସମ୍ବନ୍ଧରେ ଖୁବ୍‌ଶୀଘ୍ର ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ବିହୀତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପତ୍ରାଳାପ କରାଯିବ ବୋଲି ମହାନିର୍ଦ୍ଦେଶକ ବରିଷ୍ଠ ଜଗନ୍ନାଥ ସଂସ୍କୃତିବିତ୍ ଡ. ଭାସ୍କର ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପିର ବିରୁଦ୍ଧାଚରଣ କରୁଥିବାରୁ ଅଦିନିଆ ରଥଯାତ୍ରା ପାଳନ କରୁଥିବା ଆୟୋଜକମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଉଭୟ ଭାରତ ଓ ଓଡ଼ିଶା ସରକାରଙ୍କୁ ପ୍ରତିଷ୍ଠାନ ପକ୍ଷରୁ ଅନୁରୋଧ କରାଯିବ।



ପ୍ରାରମ୍ଭରେ ପ୍ରତିଷ୍ଠାନର ପ୍ରମୁଖ ମାର୍ଗଦର୍ଶକ ମହନ୍ତ ଶୁଭାନନ୍ଦ ପୁରୀ ମହାରାଜ ସ୍ତୁତିଗାନ ପୂର୍ବକ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଆମେରିକାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା ତଥା ବରିଷ୍ଠ ଚିକିତ୍ସକ ଡା. ପଞ୍ଚାନନ ଶତପଥୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୬ ବର୍ଷ ପାଇଁ ଶ୍ରୀମନ୍ଦିରରେ ୫୦ବର୍ଷରୁ ଉର୍ଦ୍ଧ୍ୱ ସେବାରତ ଥିବା ଜଣେ ବରିଷ୍ଠ ସେବକଙ୍କୁ ପ୍ରତିଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଶ୍ରୀଜଗନ୍ନାଥ ସେବା ରତ୍ନ ସମ୍ମାନ' ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ଓଡ଼ିଶାର ଏକ ପ୍ରାଚୀନ ଜଗନ୍ନାଥ ମନ୍ଦିରର ବରିଷ୍ଠ ପୂଜକଙ୍କୁ ବିଶେଷ ସମ୍ମାନ ଓ ଓଡ଼ିଶାର ସୁଲେଖକ, ଐତିହାସିକ, ପ୍ରାବନ୍ଧିକ ତଥା ଜଗନ୍ନାଥ ସଂସ୍କୃତି ପ୍ରତି ରୁଚି ରହିଥିବା ୨ଜଣ ବରିଷ୍ଠ ଲେଖକଙ୍କୁ 'ଉତ୍କଳ ବ୍ୟାସ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯିବ। ପ୍ରତିଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ରଥ, ଶ୍ୟାମ ପ୍ରକାଶ ସେନାପତି, କାର୍ଯ୍ୟକାରୀ ସଦସ୍ୟ ରାଧାବଲ୍ଲଭ ସିଂହ, ଉପଦେଷ୍ଟା ଡା. ଇନ୍ଦ୍ରମଣି ଜେନା, ଇଂ. ଦୀପକ କୁମାର ମିଶ୍ର, ସୁଲେଖକ ବ୍ରଜ କିଶୋର ଦାଶ, ବରିଷ୍ଠ ସମାଜସେବୀ ସୁମିତ୍ରା ଜେନା, ଶଶିକଳା ଶତପଥୀ, ଶ୍ରୀମନ୍ଦିର ବରିଷ୍ଠ ସେବକ ରାଧାନାଥ ପ୍ରତିହାରୀ, ରାମଚନ୍ଦ୍ର ଦାସ ମହାପାତ୍ର, ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଯୋଜନା କରିଥିଲେ ମନୋଜ ରଥ ଓ ଦିଲ୍ଲୀପ ପଟ୍ଟନାୟକ। ଭୁବନେଶ୍ୱରଠାରେ ଶତାଧିକ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସମ୍ମାନ ପ୍ରଦାନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠାନର ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ୟାମ ପ୍ରକାଶ ସେନାପତି ସୂଚନା ଦେଇଛନ୍ତି।

## ଜାତୀୟ କନ୍ୟା ସପ୍ତାହ ଦିବସ ପାଳିତ

**ପୁରୀ,୨୪।୧(ସମିସ):** ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀଙ୍କ ଆନୁକୂଲ୍ୟରେ ସ୍ଥାନୀୟ ସଦ୍‌ଭାବନା ଗୃହଠାରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ତାନୁପ୍ରଭା ବେଉରା, ସିଡବ୍ଲ୍ୟୁସି ଅଧ୍ୟକ୍ଷ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମନୋଜ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ଶିକ୍ଷା, ସ୍ୱାସ୍ଥ୍ୟ କିପରି ନାରୀ ସୁରକ୍ଷାର ଚାବିକାଠି ସେ ସମ୍ପର୍କରେ କହିଥିଲେ। ପିଓ ସୁହାଗି ହେମ୍ବ୍ରମ, ମୁଖ୍ୟ ପରିଦର୍ଶିକା ବାଲ୍ୟବତୀ



ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବେଟି ବଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମ ଅଧୀନରେ ବର୍ଷବ୍ୟାପୀ ଆୟୋଜିତ ହୋଇଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଯଥା- କ୍ରୀଡ଼ା, ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଧନ୍ୟବାଦ ଦେଇଥିଲେ। ସମଗ୍ର ଜିଲ୍ଲାର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, କିଶୋରୀ ବାଳିକା ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ବାଳିକା ଦିବସରେ ଉଦ୍‌ବେଗ

## 'ଝିଅଙ୍କର କ'ଣ ନିଜ ଘର ନାହିଁ'

**ପୁରୀ,୨୪।୧(ସମିସ):** ଝିଅଟିଏ ଜନ୍ମ ନେଲେ ପରିବାର ଲୋକେ କାନ୍ଦିଲେ। ବାହା ହୋଇ ସ୍ୱାମୀ ଘରକୁ ଗଲେ ଝିଅଟି ନାନା ବନ୍ଧନରେ ଛନ୍ଦି ହୋଇ ନିଜତ୍ୱ ଖୋଜିହେଲା। ତେବେ ଝିଅଟିର ନିଜ ଘର କେଉଁଠି? ଦୁହିତା ଦୁଇ କୂଳକୁ ହିତା କୁହାଗଲେ ମଧ୍ୟ ଅସଲରେ ସିଏ କେଉଁ କୂଳର ନୁହେଁ। ସମାଜର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ନିରବରେ ଯାବତୀୟ ଦାୟିତ୍ୱ ତୁଲାଇଥିଲେ ମଧ୍ୟ ବାପା ଘର ହେଉ କି ଶଶୁର ଘର କେଉଁଠି ବି ତା'ର ଅଧିକାର ନାହିଁ। ଅସଲରେ ଝିଅଟିଏର କୌଣସି ଘର ନ ଥିବା ଏନ୍‌ଆଇଏମ୍‌ଟି କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଚନ୍ଦ୍ରଶେଖର ପାଠାଗାରରେ ଆୟୋଜିତ ଜାତୀୟ ବାଳିକା ଦିବସ ଆଲୋଚନାରେ ଉଦ୍‌ବେଗ ପ୍ରକାଶ ପାଇଛି।



'କନ୍ୟା ରତ୍ନ: ସୁସ୍ଥ ସମାଜର ବାର୍ତ୍ତାବହ' ଶୀର୍ଷକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ଶିଶୁ କଲ୍ୟାଣ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତଥା ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ସଦସ୍ୟ ମହାବୀର ରୁଦ୍ରନାରାୟଣ ସାହୁ, ଅଭିଜ୍ଞ ଡା. କୁମୁଦିନୀ ମିଶ୍ର ଓ ଶିଶୁ ସୁରକ୍ଷା ୟୁନିଟ୍ ସାମାଜିକ କର୍ମୀ ବିଜୟ କୁମାର ପରିଡ଼ା। ଶ୍ରୀ ସାହୁ କହିଥିଲେ, ଶିଶୁ କନ୍ୟାଙ୍କ ଅଧିକାର ତଥା ସୁରକ୍ଷା ପାଇଁ

### ଝିଅମାନେ ସମସ୍ୟାକୁ ନ ଡରି ମୁକାବିଲା କରନ୍ତୁ

ପଞ୍ଚାୟତସ୍ତରରୁ ଜିଲ୍ଲା ତଥା ରାଜ୍ୟ ଓ ଜାତୀୟସ୍ତରରେ ଫୋରମ୍ ରହିଛି। ଝିଅମାନେ ଦୃଢ଼ ଭବିଷ୍ୟତ ପାଇଁ ନିଜସ୍ତରରେ ଉଦ୍ୟମ କରନ୍ତୁ। ସମସ୍ୟାକୁ ନ ଡରି ମୁକାବିଲା କରନ୍ତୁ। ଆଇନର ସହାୟତା ନେଇ ପରିସ୍ଥିତିକୁ ସାମ୍ନା କରନ୍ତୁ। ଡା. ମିଶ୍ର କହିଥିଲେ, ପୁଅଙ୍କ ତୁଳନାରେ ଝିଅମାନେ ଅଧିକ ଦକ୍ଷ। ଭଗବାନ ସଭିଙ୍କୁ କିଛି ନା କିଛି ସ୍ୱତନ୍ତ୍ର ଗୁଣ ଦେଇଛନ୍ତି। ଆମେ ତାହାକୁ ଚିହ୍ନି ସେହି ନିର୍ଦ୍ଦିଷ୍ଟ ଦିଗରେ ଆଗେଇବାର ଅଛି। ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ବିଜୟ ପରିଡ଼ା କୁହନ୍ତି, କନ୍ୟା ସନ୍ତାନଙ୍କ ସୁବିଧା ପାଇଁ ରହିଥିବା ସରକାରୀ ବ୍ୟବସ୍ଥାବଳୀ ବିଷୟରେ ସମସ୍ତେ ଅବଗତ ହୁଅନ୍ତୁ। ଆଜିକାର ସମୟରେ ଯାହା ପାଖରେ ଯେତେ ଖବର ସିଏ ସେତିକି ଶକ୍ତିଶାଳୀ। ଏଣୁ ଅନୁଷ୍ଠାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉ ଯେପରି ପ୍ରତି ଘରେ ହେଲ୍ପ ଲାଇନ ନମ୍ବର ୧୦୯୮ ପହଞ୍ଚିବ। କାର୍ଯ୍ୟକ୍ରମରେ ଜଣେ ଲଢୁଆ ବିଦ୍ୟାର୍ଥୀ ଭାବେ ବିଭିନ୍ନ ଖେଳରେ ଜାତୀୟସ୍ତରୀୟ ଖ୍ୟାତି ଅର୍ଜନ କରିଥିବା ରାଜଶ୍ରୀ ଦଳବେହେରାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ 'କନ୍ୟାରତ୍ନ' ନାମରେ ଏକ ମାଗାଜିନ୍ ଉନ୍ମୋଚନ କରାଯାଇଥିଲା। ଆୟୋଜକ ଏନ୍‌ଆଇଏମ୍‌ଟିର ଅଧ୍ୟକ୍ଷ ପ୍ରୀତମ୍ ରଞ୍ଜନ ଦାଶ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଜିତେନ୍ଦ୍ର ନାରାୟଣ ମିଶ୍ର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଅନୁଷ୍ଠାନର ସଦସ୍ୟ ସୁଜାତା ସାହୁ, ଦେବାଶିଷ ଦାସ, ଶୁଭ୍ରଲିପ୍ତା ଦାସ, ମାମୁନି ମାରାଣ୍ଡି, ରୀତା ବାରିକ ପ୍ରମୁଖ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ।

## ରୂପା ଆଣ୍ଡ ଟ୍ରୁପ୍‌ର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ନୃତ୍ୟ ସମାରୋହ



**ପୁରୀ,୨୪।୧(ସମିସ):** 'ରୂପା ଆଣ୍ଡ ଟ୍ରୁପ୍' ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶନିବାର ଉଦ୍‌ଘାଟିତ ହୋଇଛି ରୌପ୍ୟ ଜୟନ୍ତୀ ନୃତ୍ୟ ସମାରୋହ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ଅଧ୍ୟକ୍ଷତା, ରୂପଲତା ମହାନ୍ତିଙ୍କ ସମ୍ପାଦନା ଓ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତିଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ବର୍ଷିୟାନ୍ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ସଂଗଠକ ଚକ୍ରଧର ମହାପାତ୍ର, ଆଠସାହି ଆଖଡ଼ା କମିଟିର ମୁଖ୍ୟ ସଂଯୋଜକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ଓ ଉତ୍କଳୀୟ ସଂସ୍କୃତି ତଥା ପାରମ୍ପରିକ ନୃତ୍ୟର ସୁରକ୍ଷା ଓ ବିକାଶରେ ରୂପା ଆଣ୍ଡ ଟ୍ରୁପ୍‌ର ଅବଦାନକୁ ଏ ଜାତି ସ୍ମରଣ ରଖିବ ବୋଲି କହିଥିଲେ। ଏହି ଅବସରରେ ବର୍ଷିୟାନ ଓଡ଼ିଶୀ ଓ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ କେଶବ ଚନ୍ଦ୍ର ରାଉତ ଏବଂ ନାଟ୍ୟ ସଂଗଠକ ଶୁଭକାନ୍ତ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟରେ ଗୁରୁ ବିଜୟଲକ୍ଷ୍ମୀ ଦାଶ ଓଡ଼ିଶୀ ନୃତ୍ୟ ଅଭିନୟରେ 'ସଙ୍ଗିନୀରେ ଚାହାଁ ବେଣୁ ପାଣିକି' ପରିବେଷଣ କରିଥିଲେ। ପରେ ଗୁରୁ ରୂପଲତା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ପ୍ରତିଭାମାନେ ମାହାରୀ ନୃତ୍ୟ, ନୃତ୍ୟ ରୂପକ 'ବାର ମାସେ ତେର ପର୍ବ', ଭଜନ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ କରିଥିଲେ।

### ଅଖିଳ ଭରତୀୟ ରୂପକ ମହୋତ୍ସବ ଉଦ୍‌ଘାଟିତ

# ସଂସ୍କୃତ ନାଟକ ଭାରତୀୟ ସଂସ୍କୃତିର ସାରତତ୍ତ୍ୱ

**ପୁରୀ,୨୪।୧(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀସଦାଶିବ ପରିସରରେ ଶନିବାର ଚତୁର୍ଥ ଅଖିଳ ଭରତୀୟ ରୂପକ ମହୋତ୍ସବ (ପୂର୍ବ କ୍ଷେତ୍ରୀୟ) ଅନୁଷ୍ଠିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ସଂସ୍କୃତ ନାଟକ ଓ ରୂପକର ପରମ୍ପରା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା କହିଥିଲେ ଯେ, "ରୂପକ ବା ସଂସ୍କୃତ ନାଟକ କେବଳ ମନୋରଞ୍ଜନ ନୁହେଁ, ବରଂ ଏହା ଭାରତୀୟ ସଂସ୍କୃତି ଓ ନୈତିକ ମୂଲ୍ୟବୋଧର ସାରତତ୍ତ୍ୱ। ଏହି ମହୋତ୍ସବ ଯୁବ ପିଢ଼ିଙ୍କୁ ପ୍ରାଚୀନ କଳା ସହ ଯୋଡ଼ିବାରେ ଏକ ସେତୁ ସଦୃଶ କାର୍ଯ୍ୟ କରିବ। ସମ୍ମାନିତ ଅତିଥି ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଥିଲେ ଯେ, ଶ୍ରୀକ୍ଷେତ୍ର ପରି ପବିତ୍ର ଭୂମିରେ ଏଭଳି ଜାତୀୟସ୍ତରର କାର୍ଯ୍ୟକ୍ରମ ସଂସ୍କୃତ ଭାଷାର ପ୍ରଚାରପ୍ରସାରରେ ସହାୟକ ହେବ। ଅଧ୍ୟକ୍ଷତା ଅଭିଭାଷଣରେ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ରୂପକ ମାଧ୍ୟମରେ ସଂସ୍କୃତର ଜୀବନ୍ତ ରୂପକୁ ଅତି ସହଜରେ ଜନମାନସରେ ପହଞ୍ଚାଯାଇପାରିବ ବୋଲି କହିଥିଲେ।



### ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଦ୍ରି ମିଶ୍ର ସମ୍ବର୍ଦ୍ଧିତ

### ପ୍ରଥମ ଦିନରେ 'ପୂର୍ବ ରଙ୍ଗ' ଓ 'ଶ୍ରମ ଫଳମ୍' ନାଟକ ମଞ୍ଚସ୍ଥ

ଏହି ଅବସରରେ ନାଟ୍ୟ ରଚନା, ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଦ୍ରି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱଳନ ପରେ ବିଶ୍ୱବିଦ୍ୟାଳୟର କୁଳଗୀତ ଓ ବନ୍ଦେ ମାତରଂ ଗାନ କରାଯାଇଥିଲା। ଡ. ଜ୍ଞାନେଶ ଉପାଧ୍ୟାୟ ମଙ୍ଗଳାଚରଣ ପାଠ କରିଥିବାବେଳେ କାର୍ଯ୍ୟକ୍ରମର ସହ ସମନ୍ୱୟକ ଡ. ଜିତେନ୍ଦ୍ର ରାୟଗୁରୁ ପ୍ରସ୍ତାବନା ଉପସ୍ଥାପନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଯୁଗ୍ମ ସଂଯୋଜକ ଡ. ବିଶ୍ୱନାଥ ମିଶ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସମନ୍ୱୟକ ପ୍ରଫେସର ଶମ୍ଭୁନାଥ ମହାଳିକ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଡ. ସୁଶାନ୍ତ କୁମାର ରାୟ। ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ପୂର୍ବ ଭାରତର ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ଯଥା- ସୀତାରାମ ବୈଦିକ ସଂସ୍କୃତ ମହାବିଦ୍ୟାଳୟ କୋଲକାତା, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର ଅଗରତାଲା, ରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ମଣିପୁର, ଲକ୍ଷ୍ମୀଦେବୀ ସାରାଫ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ଦେଓଘର (ଝାଡ଼ଖଣ୍ଡ), କାଳିଆଚକ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ କୋଲକାତାର କଳାକାରଗଣ ଯୋଗଦେଇ ନାଟକ ପରିବେଷଣ କରିବେ। ଶନିବାର ଉଦ୍‌ଘାଟନୀ ଦିବସରେ ଶ୍ରୀସଦାଶିବ ପରିସରର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ପୂର୍ବ ରଙ୍ଗ' ପ୍ରସ୍ତୁତ କରାଯାଇଥିଲା। ଏହାପରେ କୋଲକାତାର ସୀତାରାମ ବୈଦିକ ସଂସ୍କୃତ ମହାବିଦ୍ୟାଳୟର କଳାକାରମାନଙ୍କ ଦ୍ୱାରା 'ଶ୍ରମ ଫଳମ୍' ନାଟକ ମଞ୍ଚସ୍ଥ ହୋଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏଥିରେ ସହଯୋଗ କରିଥିଲେ ଅଧ୍ୟାପକ ଡ. ସୁବ୍ରତ କୁମାର ଷଡ଼ଙ୍ଗୀ, ଡ. ସନ୍ଦୀପ ଚାଟାର୍ଜୀ ଓ ଡ. ମିଥୁନ କୁମାର ଶତପଥୀ। ଅନ୍ତିମ ଦିନରେ ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ନାମ ଘୋଷଣା କରାଯିବ।

# ସହରରେ ବଢୁଛି ଜବରଦଖଲ; ପ୍ରଶାସନ ନିରବଦ୍ରଷ୍ଟା

ନୟାଗଡ଼,୨୪ ।୧(ସମିସ)

ନୟାଗଡ଼ ପୌର ପରିଷଦ ଅଧୀନ ବିଭିନ୍ନ ସ୍ଥାନରେ ଜବରଦଖଲ ବୃଦ୍ଧି ପାଉଛି। ସରକାରୀ ଜମି ଅକ୍ତିଆର କରି ପ୍ରଥମେ କୁଡ଼ିଆ ନିର୍ମାଣ କରାଯାଉଛି। ଏହାକୁ ଦଖଲରେ ରଖି ଧୀରେ ଧୀରେ ଘର ନିର୍ମାଣ କରାଯାଉଛି। କେବଳ ଘର ନିର୍ମାଣ ପାଇଁ ନୁହେଁ, ବ୍ୟବସାୟ ପ୍ରତିଷ୍ଠାନ ପାଇଁ ମଧ୍ୟ ଅନେକ ସ୍ଥାନରେ ଜବରଦଖଲ କରାଯାଉଛି। ନୟାଗଡ଼ ସହରରେ ଭେଣ୍ଡିଂ ଜୋନ୍ ନିର୍ମାଣ କେବଳ ପ୍ରସ୍ତାବରେ ସୀମିତ ରହିଥିବାରୁ ଯିଏ ଯେଉଁଠି ପାରିଲା ଜବରଦଖଲ କରି ଉଠା ଦୋକାନ ନିର୍ମାଣ କରୁଛି। ନୟାଗଡ଼ ସହର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ୧୦ ବର୍ଷ ତଳେ ଯେତିକି ବସ୍ତି ରହିଥିଲା, ଏହି ତାହାର ସଂଖ୍ୟା ବୃଦ୍ଧି ପାଇଛି। ଅନେକ ବସ୍ତିରେ ସହରର ପ୍ରମୁଖ ଲୋକମାନେ ମଧ୍ୟ ଜବରଦଖଲ କରିଛନ୍ତି। ସହରରେ ନିଜସ୍ୱ ଜାଗାରେ ଗୃହ ନିର୍ମାଣ କରି ହଜାର ହଜାର ଟଙ୍କା ଭଡ଼ା ପାଉଥିବା ଲୋକେ ମଧ୍ୟ ବିଭିନ୍ନ ବସ୍ତିରେ ଜାଗା ଜବରଦଖଲ କରୁଛନ୍ତି। ଏହି ଜବରଦଖଲ କାର୍ଯ୍ୟରେ କିଛି ରାଜନୈତିକ ବ୍ୟକ୍ତିଙ୍କ ହାତ ମଧ୍ୟ ରହୁଛି। ନୟାଗଡ଼ ପୌର ପରିଷଦ ପକ୍ଷରୁ ଅନେକ ପ୍ରଭାବଶାଳୀ ଲୋକଙ୍କୁ ବିଗତ ଦିନରେ ଅନେକ ସ୍ଥାନରେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସରକାରୀ ଚାକିରିଆଙ୍କଠାରୁ ଆରମ୍ଭ କରି ପୌର ପରିଷଦ କର୍ମଚାରୀ ମଧ୍ୟ ନିଜ ପରିବାର ସଦସ୍ୟଙ୍କ ନାମରେ ସରକାରୀ ଜମିର ଭୂମି ଅଧିକାର ପ୍ରମାଣପତ୍ର ପାଇଛନ୍ତି। ଫଳରେ ଲୋକଙ୍କ ସାହସ ବୃଦ୍ଧି ପାଇବା ସହ ସହରରେ ଜବରଦଖଲ ବୃଦ୍ଧି ପାଉଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ କିଛି ଦୋକାନ ଗୃହ ନିର୍ମାଣ ଚାଲିଛି। ଉକ୍ତ ୪ ଦୋକାନ ଗୃହ ମଧ୍ୟରୁ ଅଧା ସରକାରୀ ଜମି ଜବରଦଖଲ କରି ନିର୍ମାଣ କରାଯାଇଛି। ଦୀର୍ଘଦିନ ତଳୁ ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୌର ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ନୟାଗଡ଼ ତହସିଲ ନୟାଗଡ଼ ଆର୍‌ଆଇଙ୍କ ଅଧୀନରେ ଏହି ସ୍ଥାନ ରହିଥିବା ବେଳେ ଏହାକୁ ଜାଣିଶୁଣି ଅଣଦେଖା କରାଯାଉଛି। ସେହିଭଳି ଲେଙ୍କୁଡ଼ିପଡ଼ା ଆରଆଇଙ୍କ ଅଧୀନ ହରିହରପୁର ମୌଜାରେ ମଧ୍ୟ ଜବରଦଖଲ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ସରକାରୀ ଜମିକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନିଆଯିବା ବଦଳରେ ଏଥିପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ଜିଲ୍ଲା ପ୍ରଶାସନ ସହରରେ ଥିବା ସରକାରୀ ଜମି ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### ଭୂମି ଅଧିକାର ପ୍ରମାଣପତ୍ରର ତଦନ୍ତ ଦାବି

ନୟାଗଡ଼ ସହରର ବିଭିନ୍ନ ବସ୍ତି ବାସିନ୍ଦାଙ୍କୁ ଆଖିବୁଜା ଭାବେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯାହାର ତଦନ୍ତ ହେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ସରକାରୀ ଚାକିରିଆ, ପୌର ପରିଷଦ କର୍ମଚାରୀ ଏବଂ ବହୁ ପ୍ରଭାବଶାଳୀ ଲୋକ ଭୂମି ଅଧିକାର ପ୍ରମାଣପତ୍ର ହାତେଇ ଉକ୍ତ ଜମିରେ ଅଟ୍ଟାଳିକା ନିର୍ମାଣ କରିଛନ୍ତି। ଉକ୍ତ ଘରକୁ ଏକାଧିକ ଲୋକଙ୍କୁ ଭଡ଼ାରେ ଲଗାଇ ଅନ୍ୟତ୍ର ରହିଥିବା ନିଜସ୍ୱ ଗୃହରେ ସେମାନେ ଅବସ୍ଥାନ କରୁଛନ୍ତି। ସରକାରୀ ଯୋଜନାର ଫାଇଦା ପାଇ ଏହି ହିତାଧିକାରୀମାନେ ଲାଭବାନ ହେଉଥିବା ବେଳେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ନୟାଗଡ଼ ପୌର ପରିଷଦ ପକ୍ଷରୁ ବିଗତ ଦିନରେ ପ୍ରଦାନ କରାଯାଇଥିବା ଭୂମି ଅଧିକାର ପ୍ରମାଣପତ୍ର ହିତାଧିକାରୀଙ୍କ ସମ୍ପର୍କରେ ସ୍ୱତନ୍ତ୍ର ଯାଞ୍ଚ କରିବାକୁ ଦାବି ହେଉଛି।

## ତେନ୍ତୁଳିଆପଲ୍ଲୀ ବିଦ୍ୟାଳୟର ବାର୍ଷିକୋତ୍ସବ




କଣ୍ଟିଲୋ,୨୪ ।୧(ସମିସ): ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ କୈଳାସ ଚନ୍ଦ୍ର କର, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁଜଳ ମହାରଣା ଓ ସମ୍ମାନିତ ଅତିଥି ରୂପେ ଏବିଇଓ କଳିଙ୍ଗ ରାଉତ, ପ୍ରଦୀପ୍ତ କୁମାର ସାହୁ, ବ୍ଲକ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ରାଉଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ସହ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ସିଦ୍ଧାର୍ଥ କୁମାର ମହାପାତ୍ର ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଟ୍ରଫି ସହ ପୁରସ୍କୃତ କରିଥିଲେ।

## ରେଳ ଲାଇନ ଭୂତଳ ରାସ୍ତା ଓ ପାନୀୟ ଜଳ ପାଇଁ ରାସ୍ତାରୋକ



ଦଶପଲ୍ଲା,୨୪ ।୧(ସମିସ): ଦୀର୍ଘ ସମୟ ପରେ ହଟିଲା ଜାତୀୟ ରାଜପଥ ଅବରୋଧ। ଜିଲ୍ଲାପାଳ ନ ଆସିଲେ ଉଠିବୁ ନାହିଁ ବୋଲି ଅଡ଼ି ବସିଥିଲେ ଲୋକେ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ରଥିପୁର, ଗୋପାଳପୁର, ଟାକରା ମୌଜାର ଜନସାଧାରଣ ଖୋର୍ଦ୍ଧା ବଲାଙ୍ଗିର ରେଳପଥ ଉପରେ ସ୍ଥାନୀୟ ଗୋପାଳପୁର ମୌଜାରେ ଏକ ଗଳାରାସ୍ତା ନିର୍ମାଣ କରିବା ପାଇଁ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦାବି କରି ଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ଅଭିଯୋଗ କରି ଶନିବାର ଦୀର୍ଘ ସମୟ ଜାତୀୟ ରାଜପଥ ଅବରୋଧ କରି ବସିଥିଲେ। କାରଣ ରେଳଧାରଣା ଅପରପାର୍ଶ୍ୱରେ ବୃଢ଼ଙ୍ଗ ନଦୀ, ୩ଟି ଗ୍ରାମକୁ ପାନୀୟ ଜଳ ଯୋଗାଉଥିବା ପମ୍ପ ହାଉସ, ଗ୍ରାମ ଶ୍ମଶାନ, ଗାଈଗୋରୁ ଚରୁଥିବା ସ୍ଥାନ ରହିଥିଲା। ରେଳଧାରଣା ନିର୍ମାଣ ପୂର୍ବରୁ ଏସବୁ ଅଭିଯୋଗ କରି ଆସୁଥିଲେ ହେଁ ଏଯାବତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପଟେ ପମ୍ପହାଉସର କିଛି ଯନ୍ତ୍ରାଂଶ ଖରାପ ହୋଇଯିବାରୁ ୪ ଦିନ ହେବ ପାଣି ପାଇବାରୁ ବଞ୍ଚିତ ହୋଇଥିଲେ ସ୍ଥାନୀୟ ଲୋକେ। ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପରେ ବର୍ଷିବା ସହ ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଦଶପଲ୍ଲା ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ପହଞ୍ଚି ବୁଝାସୁଝା କରିଥିବା ବେଳେ ଅବରୋଧ ହଟି ନ ଥିଲା। ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ସହ ଜିଲ୍ଲାପାଳ ଏଠାକୁ ଆସନ୍ତୁ ଏବଂ ଅଭିଯୋଗର ୧ ବର୍ଷ ହୋଇଯାଇଥିଲେ ବି ଆଜିଯାଏଁ କାହିଁକି ପ୍ରଶାସନ ସମାଧାନ ଦିଗରେ ପଦକ୍ଷେପ ନେଇ ନ ଥିଲା ବୋଲି ପ୍ରଶ୍ନ କରିଥିଲେ। ଦଶପଲ୍ଲା ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ବାରିକ କହିଛନ୍ତି, ଲୋକଙ୍କ ସମସ୍ୟାର ଖୁବଶୀଘ୍ର ସମାଧାନ ହେବ। ଯଦି ତୁରନ୍ତ ସମାଧାନ ନ ହୁଏ ତେବେ ଆନ୍ଦୋଳନ ଜୋରଦାର ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ

## ଠିକା କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ ଓ ସମୀକ୍ଷା



ନୟାଗଡ଼,୨୪ ।୧(ସମିସ): ଶନିବାର ଛୁଟିଦିନ ଥିଲେ ମଧ୍ୟ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଛାନଭିନ୍ କରିଛନ୍ତି। ଠିକା କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ କରିବା ସହ ଠିକାସଂସ୍ଥାଗୁଡ଼ିକୁ ତାଗିଦ୍ କରିଛନ୍ତି। କାର୍ଯ୍ୟରେ ଅବହେଳା କଲେ ବ୍ଲାକ ଲିଷ୍ଟ କରାଯିବାକୁ ଚେତାବନୀ ଦେଇଛନ୍ତି। ସବୁ ଠିକାସଂସ୍ଥାରେ ଥିବା ଖାଲି ପଦବୀ ତୁରନ୍ତ ପୂରଣ କରିବା ସହ ଆଗୁଆ ଯୋଗ୍ୟ କର୍ମଚାରୀ ଚୟନ କରି ରଖିବାକୁ କହିଛନ୍ତି। ଆବଶ୍ୟକ ପଡ଼ିଲେ ନୂତନ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ କହିଛନ୍ତି। ସିକ୍ୟୁରିଟି, ଆଟେଣ୍ଡାଣ୍ଟ ଓ ଅନ୍ୟ ଠିକା କର୍ମଚାରୀଙ୍କ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହ ଜିଲ୍ଲାର ସବୁ ଡାକ୍ତରଖାନାରେ ନିଯୁକ୍ତ ଠିକା ଓ ନିୟମିତ କର୍ମଚାରୀଙ୍କ ତାଲିକା ମାଗିଛନ୍ତି। ରଣପୁର ଡାକ୍ତରଖାନାରୁ ଅଧିକ ଅଭିଯୋଗ ଆସିଥିବାରୁ ତାଗିଦ୍ କରିଛନ୍ତି। ଜିଲ୍ଲାପାଳଙ୍କ ଏହି କାର୍ଯ୍ୟକୁ ନେଇ ରୋଗୀ ଓ ରୋଗୀ ସମ୍ପର୍କୀୟମାନେ ବେଶ୍ ଖୁସି ହୋଇଛନ୍ତି। ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ସୃଷ୍ଟି ହେଉଛି। ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ ଦ୍ୱାରା କର୍ମଚାରୀଙ୍କ ମନରେ ଭୟ ରହିବା ସହ କାମ ସଠିକ ଭାବେ ହେବ ବୋଲି ଆଶା କରାଯାଉଛି। ଜିଲ୍ଲାପାଳ ନିରାମୟ କେନ୍ଦ୍ର ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି।

## 'କୌଶଳ ବୃଦ୍ଧି କରିଥାଏ ପିଏମଶ୍ରୀ ଉତ୍ସବ'



ଭାପୁର,୨୪ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ ଗୋପୀନାଥ ଦେବ ସରକାରୀ ବିଦ୍ୟାଳୟରେ ଶନିବାର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସରୋଜ କୁମାର ସେଠୀଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ ସତ୍ୟଭାମା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଡ଼ଃ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗଦାଧର ପରିଡ଼ା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ମୋନାଲିସା ରଥ, ପଞ୍ଚସଖା ଶିକ୍ଷାସେତୁର ଜିଲ୍ଲା ସହାୟକ ଅଧିକାରୀ ସୁପ୍ରୀତି ପାତ୍ର, ବିଦ୍ୟାଳୟ ପଞ୍ଚଶିକ୍ଷା ସଭାପତି ନାରାୟଣ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଶୈଳୀରେ ଉନ୍ନତି ଆଣିବାକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉଦ୍ୟମ କରନ୍ତୁ। ଛାତ୍ରଛାତ୍ରୀଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଓ ଜୀବନ କୌଶଳ ବୃଦ୍ଧି କରିବା ପିଏମ୍‌ଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ।

## ଏନ୍‌ଏସ୍‌ଏସ୍ ଶିବିର 'ବନବାସ' ଉଦ୍‌ଘାଟିତ




ଭାପୁର,୨୪ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତରେ ଅବସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ତରଫରୁ ସ୍ୱତନ୍ତ୍ର ଶିବିର "ବନବାସ' ଶନିବାର ଶୁଭାରମ୍ଭ ହୋଇଛି। ଏହି ଶିବିର ୭ ଦିନ ଧରି ଚାଲିବ। ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଫକିର ମୋହନ ସ୍ୱାଇଁଙ୍କ ତତ୍ତ୍ୱାବଧାନ ଏବଂ ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ସଫେଇ କରି ଶିବିର ସ୍ଥାପନ କରିବା ସହ ଜାତୀୟ ପତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୋଷ୍ୟ ଗ୍ରାମ୍ୟ ଭାବେ ଗ୍ରହଣ କରାଯାଇଥିବା ପଦ୍ମାବତୀ ଗ୍ରାମ ପୁଷ୍କରିଣୀ, ମନ୍ଦିର ପରିସର ତଥା ରାସ୍ତାଘାଟ ସଫା କରିବା ସହ ଗ୍ରାମର ମହିଳା, ବୟସ୍କ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କରାଇଥିଲେ। ବାଳିକା ଶିକ୍ଷା ଓ ସଡ଼କ ସୁରକ୍ଷା ଆଦି ବିଷୟରେ ବୁଝାଇଥିଲେ। ଶିବିରରେ ବାଣିଜ୍ୟ ବିଭାଗ ଅଧ୍ୟାପକ ସତ୍ୟଜିତ ପ୍ରଧାନଙ୍କ ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ତଥା କର୍ମଚାରୀ ସହଯୋଗ କରିଥିଲେ।

## ମସ୍ତିଷ୍କାଘାତରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

ଖଣ୍ଡପଡ଼ା,୨୪ ।୧(ସମିସ): ମସ୍ତିଷ୍କାଘାତରେ ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତ ଉଜୁଳାଙ୍ଗ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ବେହେରାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପୁରୀ ଜିଲ୍ଲା ନିମାପଡ଼ା ବାମନାଳ ଅଞ୍ଚଳର ମୂଳ ବାସିନ୍ଦା ସ୍ୱର୍ଗତ ବେହେରା ଜଣେ ଅମାୟିକ, ଦରଦୀ ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଉଜୁଳାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁଅ ସୌମ୍ୟରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ।

## ରବୀନ୍ଦ୍ର ସ୍ମାରକୀ କ୍ରିକେଟ୍; ଦେବାଂଶୀ କ୍ଲବ ବିଜୟୀ

କଣ୍ଟିଲୋ,୨୪ ।୧(ସମିସ): ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ନୀଳମାଧବ ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ରବୀନ୍ଦ୍ର ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖଳିସାହି ଦଳକୁ କଣ୍ଟିଲୋ ଦେବାଂଶୀ କ୍ରିକେଟ କ୍ଲବ ୨୦ ରନରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଦେବାଂଶୀ କ୍ଲବ ୧୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ଖଳିସାହି ଦଳ ୧୮.୩ ଓଭରରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଦେବାଂଶୀ କ୍ଲବର ଶିଶିର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅମ୍ପାୟର ଚନ୍ଦନ ଦଳେଇ ଓ ନିରଞ୍ଜନ ଦଳେଇ ମ୍ୟାଚ ପରିଚାଳନା କରିଥିଲେ। ପ୍ରଶାନ୍ତ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସୂର୍ଯ୍ୟ ସ୍କୋର ସିଟ୍ ପରିଚାଳନା କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଶରଣକୁଳ,୨୪ ।୧(ସମିସ): ପରମ ପ୍ରେମମୟ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ତଥା ଓଡ଼ଗାଁ ବ୍ଲକ ଶରଣକୁଳ ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ ସ୍ଥାନୀୟ ସତସଙ୍ଗ ବିହାର ପରିସରରେ ଶୁକ୍ରବାର ପାଳିତ ହୋଇଛି। ପ୍ରତ୍ୟୁଷରେ ଉଷାକୀର୍ତ୍ତନ କରାଯାଇଥିଲା। ପରେ ଗୁରୁଭାଇ, ଭଉଣୀଙ୍କ ଦ୍ୱାରା ସମବେତ ବେଦମାଙ୍ଗଳିକ ଓ ନହବତ କରାଯାଇଥିଲା। ଅନୁକୂଳ ଚନ୍ଦ୍ରଙ୍କ ଫଟୋଚିତ୍ରକୁ ସୁ-ସଜ୍ଜିତ ବିମାନରେ ହରିହରପୁର, ଶିଖରପୁର, ଆଙ୍ଗିସିଙ୍ଗି, ଭିକାରୀପଡ଼ା, ଶରଣକୁଳ ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ମଧ୍ୟାହ୍ନରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ମୁଖ୍ୟଅତିଥି, ନୟାଗଡ଼ର କିଶୋର କୁମାର କର, ପ୍ରଭାକର ରଥ, ଶରଣକୁଳ ମଣ୍ଡଳ ସଭାପତି ପ୍ରଭାତ କୁମାର ସାହୁ, କାଶୀନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟ ଚେତନା ଉପରେ ବକ୍ତବ୍ୟ ରଖିଥିଲେ। ବିନାୟକ ମହାପାତ୍ର, ଅଭିମନ୍ୟୁ ପାଳ, ଲାଲୁ ସାହୁ, ସତ୍ୟବାଦୀ ସ୍ୱାଇଁ, ସୁବାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲେଜ ପ୍ରତିଷ୍ଠାତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ରଣପୁର,୨୪ ।୧(ସମିସ): ରାଜସୁନାଖଳା କଲେଜ ପ୍ରତିଷ୍ଠାତା ମଧୁସୂଦନ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ରାଜସୁନାଖଳାସ୍ଥିତ ବାସଭବନରେ ପାଳିତ ହୋଇଛି। ମଧୁସୂଦନ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ, ସମାଜସେବୀ ଥିଲେ। ସେ ଏକାଧାରରେ ମହାବିଦ୍ୟାଳୟ ପ୍ରତିଷ୍ଠା ତଥା ସମ୍ପାଦକ, ପୂର୍ବତନ ରଣପୁର ବ୍ଲକ ଅଧ୍ୟକ୍ଷ, ଦୁର୍ଗା ବଜାରର ପୂର୍ବତନ ସଭାପତି ଓ ଦୋଳଯାତ୍ରାର ପୂର୍ବତନ ସଭାପତି ଥିଲେ। ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପୂର୍ବତନ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗିରିଜାକାନ୍ତ ମିଶ୍ର, ରାଜସୁନାଖଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଶରତ ଚନ୍ଦ୍ର ମିଶ୍ର, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ବ୍ଲକ୍ ଅଧ୍ୟକ୍ଷା ନିର୍ମଳା ବେହେରା ଯୋଗଦେଇଥିଲେ। ସୂର୍ଯ୍ୟକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ସତ୍‌ସଙ୍ଗ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

## ମହଙ୍ଗା ପଡ଼ିଲା କଟ୍‌ନୀ ଛଟ୍‌ନୀକୁ ବିରୋଧ ଆନ୍ଦୋଳନ

### ଶତାଧିକ ଚାଷୀଙ୍କ ନାମରେ ମାମଲା

ନୟାଗଡ଼,୨୪ ।୧(ସମିସ): କଟ୍‌ନୀ ଛଟ୍‌ନୀକୁ ବିରୋଧ ସହ ଅନ୍ୟାନ୍ୟ ଦାବି ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗତ ୨୨ ତାରିଖ ଶୋଭାଯାତ୍ରା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ମହଙ୍ଗା ପଡ଼ିଛି। ପ୍ରମୁଖ ଚାଷୀନେତାଙ୍କ ସମେତ ଶତାଧିକ ଚାଷୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଶୋଭାଯାତ୍ରାରେ ଚାଷୀ ଖଣ୍ଡା ଓ ଠେଙ୍ଗା ଧରି ଆସିଥିବାରୁ ପରିସ୍ଥିତି ଅନିୟନ୍ତ୍ରିତ ହୋଇଥିବା ଦର୍ଶାଇ ଟାଉନଥାନା ପୁଲିସ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ଚାଷୀ ନେତା ଅକ୍ଷୟ କୁମାର, ମହେଶ୍ୱର ଜେନା, ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନସିଂ, ଅଜୟ ମହାନ୍ତି, ସିପ୍ରା ଭଞ୍ଜ, ଶେଷଦେବ ନନ୍ଦ, ରଣଜିତ ଦଳବେହେରା ସମେତ ଶତାଧିକ ଚାଷୀଙ୍କ ନାମରେ ମାମଲା ରୁଜୁ କରିଛି। ବେଆଇନ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା କରିବାକୁ ନେଇ ମାମଲା ରୁଜୁ ହୋଇଛି। ନବନିର୍ମାଣ କୃଷକ ସଂଗଠନ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଜିଲ୍ଲାରେ ଧାନ କ୍ୱିଣ୍ଟାଲ ପିଛା ୭ କେଜି କଟନୀ ଛଟନୀ ହେଉଥିବାରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ଓ ଶୋଭାଯାତ୍ରା ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା। ଯାହାକୁ ନେଇ ପୁଲିସ ମାମଲା ରୁଜୁ କରିଥିବା ବେଳେ ଚାଷୀ ଏହାର ଜବାବ ନିଶ୍ଚିତ ଦେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ଜାତୀୟ ବାଳିକା ଦିବସ ପାଳିତ

ଶରଣକୁଳ,୨୪ ।୧(ସମିସ): ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରରେ ସ୍ୱାସ୍ଥ୍ୟ ପରିଦର୍ଶକ ଭାସ୍କର ମହାପାତ୍ର ଓ ସରୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ଜାତୀୟ ବାଳିକା ଦିବସ ପାଳିତ ହୋଇଛି। ଏହି ଅବସରରେ ଗୋଡ଼ିପଲ୍ଲୀ ପଞ୍ଚାୟତ ସଭାଗୃହରେ ମୂଳକ ପାଲା ପରିବେଷଣ କରାଯାଇଥିଲା। ନୟାଗଡ଼ ଜିଲ୍ଲାରେ ୧୦୦୦ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ୮୫୯। ଗତବର୍ଷ ମୋଟ ଜନ୍ମିତ ଶିଶୁ ମଧ୍ୟରୁ ଓଡ଼ଗାଁ ବ୍ଲକର ଗମ୍ଭାରିଡିହି, ଚଢ଼ୟାପଲ୍ଲୀ ଓ ବାଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ସ୍ୱାସ୍ଥ୍ୟ ମନ୍ଦିର ରେକର୍ଡ ଅନୁଯାୟୀ ଝିଅ ସଂଖ୍ୟା ବହୁତ କମ୍। ଏଥିପାଇଁ ଉଦବେଗ ପ୍ରକାଶ ପାଇଥିଲା।



ସରପଞ୍ଚ ଶିବାନୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚଢ଼େୟାପଲ୍ଲୀ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ସମେତ ସରୋଜ ପ୍ରଧାନ ଓ କାନନବାଳା ପ୍ରଧାନ ଯୋଗଦେଇଥିଲେ। କିଶୋରୀ ବାଳିକାଙ୍କୁ ନେଇ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଗ୍ରାମ ମଧ୍ୟଭାଗରେ ସଚେତନତା ପଞ୍ଚିରିଡ଼ା ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ରଶ୍ମିରାଣୀ ସାହୁ ଓ ଶୁକ୍ରି ପ୍ରଧାନ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କରି କିଶୋରୀ ବାଳିକାଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରିଥିଲେ। ଏଥିରେ ବିଷ୍ଣୁପ୍ରିୟା ପ୍ରିୟଦର୍ଶିନୀ ପ୍ରଥମ, ପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟ ଓ ଶୁଭସ୍ମିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପୁରସ୍କୃତ ହୋଇଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ସରୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସାମନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା

# ଅନ୍ତରାଙ୍କ ସୁମଧୁର ସଙ୍ଗୀତରେ ଝୁମିଲେ ଦର୍ଶକ

ଖଣ୍ଡପଡ଼ା,୨୪ ।୧(ସମିସ)




ଖଣ୍ଡପଡ଼ା ସାମନ୍ତ ମହୋତ୍ସବ କମିଟି ଆବାହକ ସମାଜସେବୀ ବିଧାନଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟାକୁ ଶନିବାର ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ମହୋତ୍ସବ କମିଟି ସଭାପତି ଗିରିଜା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥା, ସମାଜସେବୀ ତଥା ମହୋତ୍ସବ କମିଟି ଆବାହକ ବିଧାନ ଚନ୍ଦ୍ର ପ୍ରଧାନ, ଏନଏସି କାଉନସିଲର ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଟିଭି ଉପସ୍ଥାପିକା ଲୋରିଆ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ମହୋତ୍ସବ ମାଧ୍ୟମରେ ଭାଇଚାରା ଓ ସମ୍ପର୍କ ସୁଦୃଢ଼ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ମହୋତ୍ସବର ମୁଖପତ୍ର "ସାମନ୍ତ ସିଦ୍ଧାନ୍ତ" ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସଭାକାର୍ଯ୍ୟ ପରେ ଓଡ଼ିଶାର ଉଦୀୟମାନ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଏବଂ ସାଥୀ କଳାକାରଙ୍କ ସୁମଧୁର ସାଙ୍ଗୀତରେ ଦର୍ଶକ ଝୁମିଥିଲେ। ସେହିପରି ଚଳଚିତ୍ର ତାରକା ସରୋଜ ଓ ଶୀତଲ ଦର୍ଶକଙ୍କ ମନୋରଞ୍ଜନ କରାଇଥିଲେ। ଅପରାହ୍ନ ୫ଟାରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବର ମୁଖ୍ୟ ଆକର୍ଷଣ ସାମନ୍ତ ମହୋତ୍ସବ ବନ୍ଦନାରେ ସ୍ଥାନୀୟ କଳାକାରମାନେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ କଳାକାର, ସାମ୍ବାଦିକ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମଞ୍ଚରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମିନାବଜାର, ସରକାରୀ ଓ ବେସରକାରୀ ଷ୍ଟଲରେ ଲୋକଙ୍କ ଭିଡ଼ ଜମିଥିଲା। ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ରାକେଶ କୁମାର ପଣ୍ଡାଙ୍କ ସମେତ ସଭ୍ୟମାନେ ସହଯୋଗ କରିଥିଲେ। ରବିବାର ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଯୁବ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ବାବା ଶ୍ୟାମ ମହୋତ୍ସବ

ଖୋର୍ଦ୍ଧା,୨୪।୧(ସମିସ): ଖୋର୍ଦ୍ଧା ମାରୁୱାଡ଼ି ସମ୍ପ୍ରଦାୟ ପକ୍ଷରୁ ବାବା ଶ୍ୟାମ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରାଜସ୍ଥାନର ଖାଟୁ ଅଂଚଳରେ ଏହା ବ୍ୟାପକ ଭାବେ ପାଳିତ ହେଉଥିବା ବେଳେ ଖୋର୍ଦ୍ଧାରେ ମଧ ଏହାକୁ ଆନନ୍ଦରେ ପାଳନ କରାଯାଇଛି। ଖୋର୍ଦ୍ଧା ସହରସ୍ଥିତ ମାରୁୱାଡ଼ି ପଟି ଧର୍ମଶାଳାରୁ ଏକ ସୁସଜ୍ଜିତ ରଥ ବାହାରି ମେନ୍‌ରୋଡ଼ ଦେଇ ଗୋଡ଼ିପୋଖରୀସ୍ଥିତ ଲକ୍ଷ୍ମୀନାରାୟଣ ମଣ୍ଡପ ଠାରେ ପହଁଚିଥିଲା। ବାଜା, ଢୋଲ, ଶଙ୍ଖଧ୍ୱନି, ଜୟକାରା ଧ୍ୱନିରେ ସହରର ପ୍ରକମ୍ପିତ ହୋଇଥିଲା। ରାଜସ୍ଥାନ ଅଲୱର ଅଂଚଳରୁ ଆସିଥିବା ଗୋରବ ଦତ ଏବଂ ଟାଟା ଜାମସେଦ୍‌ପୁର ଅଂଚଳରୁ ଆସିଥିବା ସୋମି ଚୋଧୁରୀ କୀର୍ତ୍ତନ ପରିବେଶଣ କରିଥିଲେ। ସେହିପରି କଲିକତା ଅଂଚଳରୁ ଆସିଥିବା ଅଙ୍କିତ ପୋହାର ସାଂସ୍କୃତିକ ଗ୍ରୁପ୍ ଦ୍ୱାରା ରଙ୍ଗାରଙ୍ଗ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜିବ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ଜ୍ୟୋତିରଂଜନ ଅଗ୍ରୱାଲ(ମୁନା), ସୋରଭ ଅଗ୍ରୱାଲ, କାଲୁ ଶର୍ମା, ରାଜୁ ମୋଦି, ରୀତା ଅଗ୍ରୱାଲ, ସାରଲା ଅଗ୍ରୱାଲ, ଦିପ୍ତି ଶର୍ମା ଏବଂ ସୁନିତା ଅଗ୍ରୱାଲ ପରିଚାଳନା କରିଥିଲେ।

## ଦଧିମାଛଗାଡ଼ିଆରେ ମାଙ୍କଡ଼ ଆତଙ୍କ, ୭ ଆହତ

ଖୋର୍ଦ୍ଧା,୨୪।୧(ସମିସ): ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଦଧିମାଛଗାଡ଼ିଆ ଗ୍ରାମରେ ମାଙ୍କଡ଼ ଦୌରାତ୍ମ୍ୟକୁ ନେଇ ଗ୍ରାମବାସୀ ଅତିଷ୍ଠ ହୋଇ ପଡିଲେଣି। ଗ୍ରାମରେ ଘୁରିବୁଲି ଗୋଟିଏ ପରେ ଗୋଟିଏ ଲୋକଙ୍କୁ ଆକ୍ରମଣ କରି ରକ୍ତାକ୍ତ କରୁଥିବା ଏହି ମାଙ୍କଡକୁ ତୁରନ୍ତ ଅଞ୍ଚଳରୁ ଘଉଡାଇବା ପାଇଁ ଦାବି ହେଉଛି। ମାତ୍ର ଅଭିଯୋଗ ସତ୍ତ୍ୱେ ବନବିଭାଗ ଏହାକୁ ଗୁରୁତ୍ୱ ଦେଉନଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏପରି ସ୍ଥଳେ ଏବେ ଗ୍ରାମବାସୀ ଉକ୍ତ ମାଙ୍କଡକୁ କାବୁ କରିବାକୁ ପ୍ରୟାସ ଜାରି କରିଛନ୍ତି। ଏହାରି ଭିତରେ ମାଙ୍କଡ଼ ଆକ୍ରମଣରେ ଶନିବାର ୭ ଜଣ ଗୁରୁତର ହୋଇଛନ୍ତି। ସପ୍ତାହ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାଯାଇଛି। ଗ୍ରାମବାସୀ ଠେଙ୍ଗା ବାଡ଼ି ଧରି ମାଙ୍କଡ଼କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଏହା ଛଡ଼ା ଲୋକମାନଙ୍କର ଘରେ ପଶି ଆସବାବପତ୍ର ସହିତ ଖାଦ୍ୟ ସାମଗ୍ରୀ ନଷ୍ଟ କରୁଛି। ମାଙ୍କଡ଼ ଆକ୍ରମଣ ବଢି ଚାଲିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ମାଙ୍କଡ଼କୁ ଧରିବାକୁ ଚେଷ୍ଟା କରାଯାଉଥିବା ଦେଖା ଯାଇଛି ।

## ନେତାଜୀ ୟୁଥ କ୍ଲବର ବାର୍ଷିକୋତ୍ସବ

ବାଲୁଗାଁ,୨୪।୧(ସମିସ): ଅଗ୍ରଣୀ ଯୁବକ ସଂଘ ନେତାଜୀ ୟୁଥ କ୍ଲବର ୩୪ ତମ ବାର୍ଷିକୋତ୍ସବ ସାନ୍ତରାପୁର ପତିତପାବନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟ ଜୟନ୍ତୀ ଅବସରରେ କ୍ଲବର ସଦସ୍ୟମାନେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ପ୍ରଭାତ ଫେରି କରିଥିଲେ। କ୍ଲବର ସଭାପତି ବିମଳ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକୋତ୍ସବର ସଭାରେ ସମ୍ପାଦକ ପ୍ରଭାସ କୁମାର ପଣ୍ଡା ବିବରଣୀ ପାଠ କରିଥିବା ବେଳେ ଅତିଥି ଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା ଓ କ୍ଲବର ଉପଦେଷ୍ଟା ସଂଜୟ କୁମାର ପଣ୍ଡା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ରାମଚନ୍ଦ୍ର ସେନାପତି ସଂଯୋଜନା କରିଥିବା ସହ ସଂଘର ଉପଦେଷ୍ଟା ପବିତ୍ର ପଣ୍ଡା, ରତିକାନ୍ତ ତ୍ରିପାଠୀ, ଓ ତ୍ରିପୁରାରୀ ତ୍ରିପାଠୀ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ସର୍ବଭାରତୀୟ ଭଗବତୀ ଫୁଟବଲ; ଏଫ୍‌ଏଫ୍‌ଏ ମଣିପୁର ଫାଇନାଲରେ

ନିରାକାରପୁର, ୨୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୩ ତମ ସର୍ବ ଭାରତୀୟ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ଲିଗ ମ୍ୟାଚରେ ମା' କାମାକ୍ଷା ସ୍ପୋର୍ଟସ କ୍ଲବ୍ ବକ୍ସର, ବିହାର ଓ ଏଫ୍ ଏଫ୍ ଏ ମଣିପୁର, ଇମ୍ଫାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥାମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ଏଫ୍ ଏଫ୍ ଏ ମଣିପୁର,ଇଫାଲ ୨-୦ ଗୋଲରେ ଅଗ୍ରଣୀ ରହି ମା କାମାକ୍ଷା ସ୍ପୋର୍ଟସ କ୍ଲବ୍ ,ବକ୍ସର, ବିହାର କୁ ପରାସ୍ତ କରି ଫାଇନାଲ ମ୍ୟାଚ୍‌କୁ ପ୍ରବେଶ କରିଛି। ଆଜିର ଖେଳକୁ ଆଲୋକ ଦେହୁରୀ, ଏମ ଏସ ବେଗ, ଶିବ ସାମନ୍ତରାୟ ଓ ଶରତ କୁମାର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ। ଅତିଥିଭାବେ ବିଶିଷ୍ଟ ସମାଜସେବୀ ଦେବରାଜ ବରିସଲ, ବିଭବ ରୀୟଲଷ୍ଟେଟ ଏମ ଡି ବିନୟକୃଷ୍ଣ ଦାସ ଓ ଯୁବ ସମାଜସେବୀ ଦୁର୍ଗା ମାଧବ ରାୟ, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର , କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ ଓ ବୀରେନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ବାଲୁଗାଁ,୨୪।୧(ସମିସ) : ବାଣପୁର ନେହେରୁ ସେବା ସଂଘ ପକ୍ଷରୁ କନକଭବନ ପରିସରରେ ଶନିବାର ଜାତୀୟ ବାଳିକା ଦିବସ ତଥା ଶିଶୁ କନ୍ୟା ଦିବସ ଅନୁଷ୍ଠିତ ହୋଇଯାଇଛି। ସଂଘର ସଂପାଦିକା ସରୋଜିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟପକ ଆଦିତ୍ୟ ସାରଥି ବେଦମାତା, ଅଧ୍ୟାପିକା ଦେବସ୍ମିତା ଦାସମହାପାତ୍ର, ବୈରାଗୀଚରଣ ବଳ ଏବଂ କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେବା ସଂଘର ବାଳିକା ଶିଶୁ କନ୍ୟାମାନଙ୍କର ମାନସିକ, ଶିକ୍ଷାଗତ ଓ ସାମଗ୍ରିକ ବିକାଶ ହେବାରେ ସମାଜର ଗୁରୁ ଦାୟିତ୍ୱ ରହିଛି ଏବଂ ବାଳିକା ମାନଙ୍କୁ ସୁରକ୍ଷା ପ୍ରଦାନ ସହ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ମତବ୍ୟକ୍ତ କରିଥିଲେ। ସଂଘର ପ୍ରଦୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଅନୁଷ୍ଠାନର କ୍ରିଷ୍ଣା ମିଶ୍ର ପରିଚାଳନା କରିଥିବା ବେଳେ ଶେଷରେ ବୀରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ନିରାକାରପୁର, ୨୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଓଳସିଂହ ଗ୍ରାମର ଧର୍ମପରାୟଣା ମହିଳା ଭାନୁ ଦେଈ (୮୬)ଙ୍କ ବିୟୋଗ ଘଟିଛି। ସେ ଜଣେ ସରଳ, ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ନବ କିଶୋର ବରୀସଲ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସମୟରେ ଅନ୍ୟ ତିନି ପୁତ୍ର ଶିବ ବରିସଲ, ଦେବରାଜ ବରିସଲ, ଦାଶରଥୀ ବରିସଲଙ୍କ ସମେତ ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ।

## ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

# ବକ୍ସିଙ୍କ ଇତିହାସକୁ ଆଗାମୀ ପିଢ଼ି ଜାଣନ୍ତୁ

ଖୋର୍ଦ୍ଧା,୨୪।୧(ସମିସ)



ଓଡ଼ିଶା ସରକାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଶନିବାର ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସ୍ଥାନୀୟ ଜୟୀ ରାଜଗୁରୁ ଭବନ ଠାରେ ପାଳିତ ହୋଇ ଯାଇଛି। ଏହି ଉତ୍ସବକୁ ଉଦଘାଟନ କରି ମୁଖ୍ୟଅତିଥି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଖୋର୍ଦ୍ଧାଗଡ଼କୁ ଇଂରେଜ ମାନଙ୍କ କବଳରୁ ସୁରକ୍ଷା ଦେବା ବକ୍ସିଙ୍କ ବିରତ୍ୱ ଥିଲା। ବକ୍ସି ଜଗବନ୍ଧୁଙ୍କ ଇତିହାସ ସମଗ୍ର ଇତିହାସକୁ ପ୍ରଭାବିତ କରୁଛି। ଓଡ଼ିଆ ଜାତିର ସଂଗ୍ରାମ କୁ ନେଇ ସର୍ବଭାରତୀୟ ସ୍ତରରେ ପରି ପ୍ରକାଶ କରିବା ଉଚିତ୍। ସଂଗ୍ରାମୀ ଇତିହାସର ବୀର ମାନଙ୍କ ଇତିହାସକୁ ଆଗାମୀ ପିଢ଼ି ଜାଣନ୍ତୁ। ଯେଉଁ ମାଟିର ଇତିହାସ ଯେତେ ଚର୍ଚ୍ଚିତ ହେବ ସେ ଜାତିର ସେତେ ବିକାଶ ହେବ। ଏଣୁ ନିଜ ମାଟିର ଇତିହାସକୁ ଚିହ୍ନିବାକୁ ହେଲେ ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁ ବଳେନ୍ଦ୍ର , ମାଧବ ଚନ୍ଦ୍ର ରାଉତରାୟ, ଜୟୀ ରାଜଗୁରୁ, କୃତ୍ତିବାସ ପାଟଶାଣୀଙ୍କ ଭଳି ସ୍ୱାଧୀନତା ବୀର ଯୋଦ୍ଧା ସଂଗ୍ରାମୀ ମାନଙ୍କ ଛାତ୍ର ଛାତ୍ରୀମାନେ ସେମାନଙ୍କ ଜିବନୀ ଦର୍ଶନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଜଣେ ଜଣେ ବିନ୍ଧାଣି ହେବାକୁ ଆଇନମନ୍ତ୍ରୀ ହରିଚନ୍ଦନ ଆହ୍ୱାନ କରିଥିଲେ।

ଏହି ଉତ୍ସବର ସଭାପତି ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ସ୍ୱାଗତ ଭାଷଣ ରେ କହିଥିଲେ ଖୋର୍ଦ୍ଧାରେ ପ୍ରଥମ ପାଇକ ବିଦ୍ରୋହ ସ୍ୱାଧିନତା ସଂଗ୍ରାମକୁ ତେଜିଆନ କରିଥିଲା। ମହାନ୍ ସଂଗ୍ରାମୀ ବକ୍ସି ଜମି,ମାଟି ପାଇଁ ଲଢେଇରେ ମୁଖ୍ୟ ପୁରୋଧା ଥିଲେ। ଖୋର୍ଦ୍ଧା ମାଟିର ଇତିହାସ ଅନନ୍ୟ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ବକ୍ସିଙ୍କ ଶହୀଦ ଦିବସର ମହତ୍ୱ ଓ ଗୁରୁତ୍ୱ ବୁଝିବାର ଅଛି। ଆଉ ଦୁଇ ବର୍ଷରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ୨୦୦ବର୍ଷ ଶ୍ରାଦ୍ଧ ବାର୍ଷିକୀ ପୂର୍ତ୍ତି ପାଳନ ହେବ। ଏଣୁ ତାଙ୍କର ତ୍ୟାଗ ଓ ଆଦର୍ଶ ଏ ଜାତି ପାଇଁ ପ୍ରେରଣାଦାୟୀ ହେବ ବୋଲି ଅଭିଭାଷଣ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ବିଧାୟକ ବେଗୁନିଆ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ ସିଂହ, ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ପୌର ପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇ ବକ୍ସିଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ।

ଏହି ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ସିଙ୍କ ଜୀବନୀ ଉପରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସଂଗ୍ରାମ ପୁହାଣ, ସୁଲଗ୍ନା ପଟ୍ଟନାୟକ ଓ ସ୍ୱାଗତିକା ସ୍ୱାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମାନପତ୍ର ଓ ଟ୍ରଫି ଦେଇ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଜିଲ୍ଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ ସିଂହ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପାଞ୍ଚଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ବୋଲଗଡ଼,୨୪।୧(ସମିସ): ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମ ନୀଳକଣ୍ଠେଶ୍ୱର ଦେବଙ୍କ ସମ୍ମୁଖ ପଡିଆରେ ଚାଲିଥିବା ଦ୍ୱାଦଶ ତମ ପାଞ୍ଚଗଡ଼ ମହୋତ୍ସବ (ପାଇକ)-୨୦୨୬ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ରାଡ଼ିଆଣ୍ଟ ୟୁଥ ଫୋରମ ଓ ପାଞ୍ଚଗଡ଼ ମହୋତ୍ସବ କମିଟି ପକ୍ଷରୁ ଚାଲିଥିବା ଆୟୋଜିତ ଏହି ମହୋତ୍ସବର ଦ୍ୱିତୀୟ ସଂନ୍ଧ୍ୟା ରେ ମୁକ୍ତାକାଶ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ, ଗୀତ ଓ ପାଇକ ସମରକଳା ପରିବେଷଣ ଦର୍ଶକଙ୍କୁ କିମିଆ କରିଥିଲା । ଅନୁଷ୍ଠିତ ସାଧାରଣ ସଭା ରେ ରାଡ଼ିଆଣ୍ଟ ୟୁଥ ଫୋରମର ଅଧ୍ୟକ୍ଷ ଡ଼ଃ ପ୍ରକାଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପି ର ରାଜ୍ୟ ଉପସଭାପତି ଡ. ଯତିନ ମହାନ୍ତି ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ରୂପେ ବନ୍ଧୁ ସୁବୁଦ୍ଧି, ସମ୍ମାନିତ ଅତିଥି ବିଜେପି ନେତ୍ରୀ ମମତା ସିଂ, ବିଜେପି ଯୁବ ନେତା ରବୀନ୍ଦ୍ର କୁମାର ସୁବୁଦ୍ଧି, ସମାଜସେବୀ ମାନସ ବେହେରା, ରୁଦ୍ର ନାରାୟଣ ବାହିନୀପତି, ସମାଜସେବୀ ଦୁର୍ଗା ଦାଶ,ଏବଂ ମହୋତ୍ସବ କର୍ମକର୍ତ୍ତା ସୁଦୀପ୍ତ ପାଣ୍ଡା, ସୁନନ୍ଦ ପ୍ରଧାନ, ତୁଷାର କାନ୍ତ ନାୟକ ପ୍ରମୁଖ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମହୋତ୍ସବ କମିଟି ସମ୍ପାଦକ ସୁନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦ୍ରକାନ୍ତ ମହାପାତ୍ର, ସିମାଞ୍ଚଳ ପଣ୍ଡା ଓ ଗଣେଶ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ପାଞ୍ଚଗଡ଼ ସମ୍ମାନରେ ରାଜନୀତି ସମୀକ୍ଷକ ରୂପେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ ସାମ୍ବାଦିକ ଗଙ୍ଗାଧର ଦାଶ, ଆଦର୍ଶ ଶିକ୍ଷକ ଓ ଲେଖକ ରୂପେ ଶିକ୍ଷକ ବିଚିତ୍ରାନନ୍ଦ ରାୟଗୁରୁ ମହାପାତ୍ର, କଳାକ୍ଷେତ୍ରରେ ମଞ୍ଚନାଟ୍ୟ ନିର୍ଦ୍ଦେଶକ ଶିକ୍ଷକ ବସନ୍ତ କୁମାର ଉତ୍ତରକବାଟ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ସିମାଞ୍ଚଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ ଦଳିଦେଲା ଦନ୍ତା



ନିରାକାରପୁର,୨୪।୧ (ସମିସ): ହାତୀ ଆକ୍ରମଣରେ ଖୋର୍ଦ୍ଧା ଜିଲ୍ଲା ଓଳସିଂହ ପଞ୍ଚାୟତ ଗୟାବନ୍ଧ ଗ୍ରାମର ହଟ ଭୁଜବଳଙ୍କ ପୁତ୍ର ସଂସାରୀ ଭୁଜବଳ ( ୪୫)ଙ୍କ ମୃତ୍ୟୁ ଘଟିଛି। ସଂସାରୀ ଶୌଚ ହେବାପାଇଁ ଗ୍ରାମର ଖେଳ ପଡିଆ ଆଡ଼କୁ ଯାଇଥିବାବେଳେ ନିକଟସ୍ଥ କାଜୁ ଜଙ୍ଗଲରେ ଥିବା ଦନ୍ତା ହାତୀ ଆସି ପାଦରେ ଦଳି ଦେବାରୁ ଘଟଣାସ୍ଥଳ ରେ ମୃତ୍ୟୁବରଣ କରିଥଲେ ସଂସାରୀ। ପରେ ଗ୍ରାମବାସୀ ସେଠାରେ ପହଞ୍ଚି ପୁଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। ଉତ୍ୟକ୍ତ ଗ୍ରାମବାସୀ ମାନେ କ୍ଷତିପୂରଣ ବାବଦକୁ ଅର୍ଥ ରାଶି, ଗ୍ରାମର ୩୦ ଟି ଜାଗାରେ ନୂତନ ଲାଇଟ ଓ ୩ ଟି ସ୍ଥାନରେ ସାଇରନ ବ୍ୟବସ୍ଥା ସ୍ଥାପନ କରିବା ସହିତ ପରିବାରର ଜଣକୁ ନିଯୁକ୍ତି ନେଇ ଅଡି ବସିଥିଲେ। ପରେ ଘଟଣାସ୍ଥଳକୁ କିଛି ବିଭାଗୀୟ ଅଧିକାରୀ ଆସି ଦାବି ପୁରାଣ କରିବାକୁ ପାଇଁ ପ୍ରତିଶ୍ରୁତି ଦେବା ସହିତ ଶବ ସତ୍କାର ପାଇଁ ୧୦ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ରାଜସ୍ୱ ଅଧିକାରୀ ୨୦ ହଜାର ଓ ବିଧାୟକ ୫ ହଜାର ଟଙ୍କା ପ୍ରଦାନ କରି ଥିବାର ଜଣାପଡ଼ିଛି। ପରେ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ହସ୍ପିଟାଲରେ ପହଞ୍ଚି ମୃତକ ଶବ ସତ୍କାର ପାଇଁ ସହଯୋଗ ଆକାରରେ ୫ ହଜାର ଟଙ୍କା ପ୍ରଦାନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। କାଲି ମୃତକଙ୍କ ପରିବାରଙ୍କୁ ପ୍ରଥମେ ବନ ବିଭାଗ ପକ୍ଷରୁ ୧ ଲକ୍ଷ ଓ ପରେ ଆଉ ବାକି ଅର୍ଥ ମିଳିବ ବୋଲି ଶୁଣାଯାଉଛି। ପୂର୍ବରୁ ଏହି ପଞ୍ଚାୟତର ୭ ଜଣ ବ୍ୟକ୍ତି ହାତୀ ଆକ୍ରମଣରେ ମୃତ୍ୟୁବରଣ କରି ସାରିଛନ୍ତି।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲୁଗାଁ,୨୪।୧(ସମିସ) : ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନାରୀ ସୁରକ୍ଷା ନିମନ୍ତେ ସମସ୍ତ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏପରି ସ୍ଥଳେ ବାଲୁଗାଁ ମହାବିଦ୍ୟାଳୟ୍ ପରିସରରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଦୀର୍ଘ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଡଃ ମୋନାଲିସା ମାନସିଂହ ଙ୍କ ସଂଯୋଜନାରେ ଅନୁଷ୍ଠିତ ବାଳିକା ଆଳରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡ଼ଃ କୈଳାସ ଚନ୍ଦ୍ର ମହାରଣା ଓ ଖୋର୍ଦ୍ଧା କରାଟେ ଆସୋସିଏସନର ସମ୍ପାଦକ ଦୀପକ କୁମାର ସାମନ୍ତରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିରରେ ଦୀପଶିଖା ସାମନ୍ତରାୟ, ସଲୋନୀ ପାତ୍ର ଓ ନୀଳମ ସାହୁ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇ ୩ଟି ଗ୍ରୁପରେ ସ୍ନାତକ ଶ୍ରେଣୀର ୧୪୭ ଜଣ ଛାତ୍ରୀ ମାନଙ୍କୁ ଆନରକ୍ଷାର ବିଭିନ୍ନ କୌଶଳ ମାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ରୀନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା



ଖୋର୍ଦ୍ଧା,୨୪।୧(ସମିସ): ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଜିଲ୍ଲା ସ୍ତରୀୟ କବାଡି ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଏଚପି ଜିଲ୍ଲା ସମ୍ପାଦକ ଗୋପବନ୍ଧୁ ସାହୁ, ବଜରଙ୍ଗ ଦଳ ବିଭାଗ ସଂଯୋଜକ ନୃତ୍ୟଜିତ ଚମ୍ପତି, କ୍ରୀଡା ଶିକ୍ଷୟତ୍ରୀ ଭାଗ୍ୟଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଖୋର୍ଦ୍ଧା, ଚିଲିକା, ବାଣପୁର ଓ ଜଟଣୀ ପ୍ରଖଣ୍ଡରୁ ୫ଟି ଟିମ ଅଂଶଗ୍ରହଣ କରିଥିଲେ। ବାଣପୁର ବିଜୟୀ ହୋଇଥିବା ବେଳେ ଖୋର୍ଦ୍ଧା ଟିମ ଉପ ବିଜେତା ହୋଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ପ୍ରାନ୍ତ ସୁରକ୍ଷା ପ୍ରମୁଖ ସଞ୍ଜୟ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଏଚପି ଜିଲା ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ବିଏଚପି ପ୍ରଚାର ପ୍ରମୁଖ ଆଦର୍ଶ ଅଂଶୁମାନ, ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥ, ସମ୍ପାଦକ ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବଜରଙ୍ଗ ଦଳ ଜିଲା ସହ ସଂଯୋଜକ ଏସଏମ ଦିବ୍ୟ ପ୍ରକାଶଙ୍କ ନେତୃତ୍ୱରେ ଖେଳ ଅନୁଷ୍ଠିତ ହୋଇଥିଲା। ସତ୍ୟଜିତ ବେହେରା, ଜ୍ୟୋତି ରଞ୍ଜନ ସ୍ୱାଇଁ, କୌଶିକ ବରାଳ, ରଶ୍ମିରଞ୍ଜନ ମିଶ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ନିରାକାରପୁର,୨୪।୧ (ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ଉଚ୍ଚ ମାଧ୍ୟମିକ ସ୍କୁଲରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ସାକ୍ଷରତା କ୍ଲବ ପକ୍ଷରୁ ବକ୍ତୃତା, ରଙ୍ଗୋଲି, ଭୋଟର ସଚେତନ୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ପୌରୋହିତ କରିଥିବାବେଳେ ରେଣୁବାଳା ସାମନ୍ତରାୟ ସଂଯୋଜନା କରିଥିଲେ। ଛାତ୍ର ଛାତ୍ରୀମାନେ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଅନ୍ୟମାନଙ୍କ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ଜମ୍ବେଶ୍ୱର ଜୁଝାରସିଂହ, ଦିଲ୍ଲୀପ ବେହେରା, ମୃତ୍ୟୁଞ୍ଜୟ ପଣ୍ଡା, ଅଭିରାମ ପଣ୍ଡା ଓ ବିଶ୍ୱଜିତ୍ ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସାଲତରା ସେବା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ

ବୋଲଗଡ଼,୨୪।୧(ସମିସ): ବୋଲଗଡ଼ ବ୍ଲକ ସାଲତରା ସେବା ସେବା ସମବାୟ ସମିତି ଲିଃ ର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଧାନ ମଣ୍ଡି ଉଦଘାଟନୀ କାର୍ଯ୍ୟକ୍ରମରେ ଉକ୍ତ ସମିତିର ପରିଚାଳନା କମିଟି ସଭାପତି ସଦାଶିବ ପାଣିଗ୍ରାହୀ ପୌରୋହିତ୍ୟରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ରାଉତରାୟ ଯୋଗଦେଇ ଧାନ ମଣ୍ଡିର ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଗେଡିଆପଲ୍ଲୀ ରାଜସ୍ୱ ନିରୀକ୍ଷକ ସରୋଜ ବେହେରା, କମିଟି ସଦସ୍ୟ ଓ ଅତିଥି ଭାବେ ଦିଲୀପ କୁମାର ମହାପାତ୍ର, ଦଣ୍ଡପାଣି ତାଡ଼, ବାସୁଦେବ ବେହେରା, ପୂର୍ବତନ ସରପଞ୍ଚ ଦୀନବନ୍ଧୁ କର, ଭାଗବତ ମହାପାତ୍ର, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲେ। ସମିତି ର ସମ୍ପାଦକ ରଞ୍ଜନ କୁମାର ମାନସିଂହ,ଡାଟା ଅପରେଟର ଜ୍ୟୋତି ରଂଜନ ମହାପାତ୍ର, ପ୍ରଭାକର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉକ୍ତ ସମିତିରେ ଧାନ ବିକ୍ରି ପାଇଁ ୫ ୯ ୫ ଜଣ ଚାଷୀ ନାମ ପଞ୍ଜିକରଣ କରିଥିବା ବେଳେ ଆଜି ଉଦଘାଟନ ଦିବସରେ ୨୩ ଜଣ ଚାଷୀଙ୍କ ଠାରୁ ୬୧୦ କୁଇଣ୍ଟାଲ ଧାନ କ୍ରୟ କରାଯାଇ ମିଲର ଉଠାଣ କରିବା ପାଇଁ ଟୋକନ ଦିଆଯାଥିବାର ସୂଚନା ଦିଆଯାଇଛି।

## ଡିଏଭି ଗୁରୁକୁଳର ପ୍ରତିଷ୍ଠା ଦିବସ

ଟାଙ୍ଗୀ,୨୪।୧(ସମିସ): ଟାଙ୍ଗୀ ବ୍ଲକର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ କୁହୁଡି ଡି ଏ ଭି ଗୁରୁକୁଳର ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ, ସମ୍ମାନୀୟ ଅତିଥି ଯୋଗ ପ୍ରଶିକ୍ଷକ ପ୍ରଦୀପ କୁମାର ଓ କୋଟିରାମ ନାଇଡୁ ଯୋଗ ଦେଇଥିଲେ । ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ମାନପତ୍ର ଓ ମେଡାଲ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ରାଜଶ୍ରୀ ପାତ୍ରଙ୍କ ପ୍ରତାକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲୀପ ନାୟକ, ଦାଶରଥି ବେହେରା, ପୂଜା ବରାଳ, ମାନସୀ ସାହୁ, ରଚିତା ଜେନା, ପୁଷ୍ପାଞ୍ଜଳି ମହାରଣା ଓ ମାନସୀ ଖଣ୍ଡାୟତରାୟ ସହଯୋଗ କରିଥିଲେ।

## ବିଳାସ ଭାରତୀ କଳାକେନ୍ଦ୍ରର ସାମ୍ବତ୍ସରିକ ଉତ୍ସବ

ଟାଙ୍ଗୀ,୨୪।୧(ସମିସ) : ଟାଙ୍ଗୀ ଚିଲିକା ଛକସ୍ଥିତ ଦୁର୍ଗା ମଣ୍ଡପରେ ବିଳାସ ଭାରତୀ କଳା କେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହେଶ୍ୱର ସେନାପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ତଥା ବେତାର ଏବଂ ଦୂରଦର୍ଶନର କଣ୍ଠଶିଳ୍ପୀ ଜ୍ୟୋସ୍ନା ଦାସ, ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ରୂପେ ଓଡ଼ିଶୀ ନୃତ୍ୟ ଗୁରୁ ସନାତନ ନାୟକ, ବିକ୍ରମ ସାମଲ, ପ୍ରଦୀପ ଦାସ, ବସନ୍ତ ମହାରଣା, ଅଧିବକ୍ତା ରମେଶ ଚନ୍ଦ୍ର ବେହେରା, ଶଶୀରେଖା ନାଥ ଯୋଗଦେଇ ଥିଲେ। ପ୍ରତିଷ୍ଠାତା ମାଧବ ମହାରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସୁଶୀଲ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପକ ଗୋପାଳ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଗୋଦାବରୀଶ ପାତ୍ର,ବିଜନ ନାୟକ, ସୂର୍ଯ୍ୟକାନ୍ତ ନାୟକ,ପ୍ରକ୍ଷିମା ପରିଡ଼ା, ସନ୍ଧ୍ୟାରାଣୀ ମହାପାତ୍ର ସମେତ ସମସ୍ତ ଗୁରୁ ମାନଙ୍କୁ ବିଳାସ ଭାରତୀ କଳା ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା।

# ଚିଲିକାରେ ଡଲ୍‌ଫିନ ଗଣନା ଶେଷ

ବାଲୁଗାଁ,୨୪।୧(ସମିସ)



ପ୍ରତିବର୍ଷ ନୀଳାମ୍ବୁ ଚିଲିକା ହ୍ରଦରେ କେତେ ସଂଖ୍ୟକ ଇରାୱାଡ଼ି ଡଲଫିନ ରହିଛନ୍ତି, ତାହାର ଆକଳନ କରାଯାଇଥାଏ। କ୍ରମାଗତ ଭାବେ ୨୦୧୯ ମସିହାଠାରୁ ଡଲଫିନ ସଂଖ୍ୟା ବୃଦ୍ଧି ପାଇ ଆସୁଥିବା ବେଳେ ଗତ ୨୦୨୫ ମସିହାରେ ଚିଲିକାରେ ଇରାୱାଡ଼ି ଡ଼ଲଫିନ ସଂଖ୍ୟା ବୃଦ୍ଧି ପାଇ୧୬୦ରେ ପହଁଚିଥିବା ବିଭାଗୀୟ ଗଣନାରୁ ଜଣାପଡିଥିଲା। ତେବେ ଚଳିତ ବର୍ଷ ଚିଲିକାରେ ଡଲଫିନ ସଂଖ୍ୟା ବୃଦ୍ଧି ପାଇଛି କି ହ୍ରାସ ହୋଇଛି ଗଣନା ରିପୋର୍ଟରୁ ଜଣାପଡ଼ିବ। ସେଥିଲାଗି ଚଳିତ ବର୍ଷ ଚିଲିକାରେ କେତେ ସଂଖ୍ୟକ ଡ଼ଲଫିନ ଅଛନ୍ତି ତାହାର ଆକଳନ ଗତ ୨୦ତାରିଖ ମଙ୍ଗଳବାର ଦିନଠାରୁ ଆରମ୍ଭ ହୋଇଯାଇଥିବା ବେଳେ ୩ଦିନ ଧରି ଚାଲ ୨୨ତାରିଖରେ ଶେଷ ହୋଇଯାଇଛି ବୋଲି ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାଯାଇଛି। ଚିଲିକା ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମିଳିତ ଭାବେ ମଙ୍ଗଳବାର ଠାରୁ ସମଗ୍ର ଚିଲିକାରେ ଡ଼ଲଫିନ ଗଣନା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମଗ୍ର ଚିଲିକାକୁ ବାଲୁଗାଁ, ଚିଲିକା, ଟାଙ୍ଗି, ରମ୍ଭା ଓ ସାତପଡ଼ା ଆଦି ୫ଟି ଜୋନ୍‌ରେ ବିଭକ୍ତ କରାଯାଇଥିବା ବେଳେ ଏହି ଡ଼ଲଫିନ ଗଣନା ନିମନ୍ତେ ୧୮ଟି ଟିମ୍‌ରେ ପ୍ରାୟ୧୩୦ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ତନ୍ମଧ୍ୟରୁ ୧୦ଟି ଟିମ୍‌କୁ ଗତ ସୋମବାର ଚନ୍ଦ୍ରାପୁଟ ସ୍ଥିତ ସିଡ଼ିଏ କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଦିଆଯାଇଥିବା ସ୍ଥଳେ ୮ ଟି ଟିମ୍ କୁ ସାତପଡ଼ା ସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଦିଆଯାଇଥିଲା। ୩ଦିନ ଧରି ସକାଳ ୭ଘଟିକା ଠାରୁ ମଧ୍ୟାହ୍ନ ୧୨ଘଟିକା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିଥିବା ବେଳେ ବିଶେଷ କରି ମାତ୍ରାଧିକ ଡ଼ଲଫିନ ଦୃଷ୍ଟି ଗୋଚର ହେଉଥିବା ଅଞ୍ଚଳ ସାତପଡ଼ାଠାରେ ୮ ଟି ଟିମ୍ ଓ ବାହାର ଚିଲିକା ଅଞ୍ଚଳରେ ୧୦ଟି ଟିମ୍ ଲାଇନ୍ ଟ୍ରାନଜାକ୍ଟ ପଦ୍ଧତିରେ ଡ଼ଲଫିନ୍ ଗଣନା କରିଥିଲେ। ଗଣନାକାରୀଙ୍କୁ ଜିପିଏସ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ସମେତ ଗୋଟେ ଲେଖାଏଁ ଯନ୍ତ୍ରଚାଳିତ ଡ଼ଙ୍ଗା ଯୋଗାଇ ଦିଆଯାଇଥିଲା। ଚଳିତ ବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଇରୱାଡ଼ି ଡ଼ଲଫିନ ଗଣନାରେ ବାଧା ସୃଷ୍ଟି ହୋଇ ନଥିବା ବେଳେ ମଙ୍ଗଳବାର ଠାରୁ ଡଲଫିନ ଗଣନା ଆରମ୍ଭ ହୋଇ ବୁଧବାର ଗଣନା କାର୍ଯ୍ୟ ଚାଲି ଗୁରୁବାର ଗଣନା ଶେଷ ହୋଇଛି, ଗଣନା ପରେ ଗଣନାକାରୀ ଟିମ ଭୁବନେଶ୍ୱର ସ୍ଥିତ ପିସିସିଏଫ ଅଫିସରେ ରିପୋର୍ଟ ପ୍ରଦାନ କରିଛନ୍ତି। ପରବର୍ତ୍ତି ସମୟରେ ଡଲଫିନ୍ ସଂଖ୍ୟା ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଚିଲିକା ହ୍ରଦରେ ଇରାୱାଡ଼ି ଡ଼ଲଫିନ ସଂଖ୍ୟା ବିଗତ ବର୍ଷ ତୁଳନାରେ ବୃଦ୍ଧି ପାଇବାରେ ଲାଗିଛି। ୨୦୧୫ ମସିହାରେ ଚିଲିକାରେ ୧୪୪ ଗୋଟି ଇରାୱାଡ଼ି ଡ଼ଲଫିନ ଥିବା ବେଳେ ୨୦୧୬ରେ ୧୩୪କୁ ହ୍ରାସ ପାଇଥିଲା। ୨୦୧୭ ମସିହାରେ ମଧ୍ୟ ୧୨୧ କୁ ହ୍ରାସ ପାଇ ଥିବା ବେଳେ ୨୦୧୮ ରେ କ୍ରମାଗତ ଭାବେ ଏହା ୧୧୮ କୁ ହ୍ରାସ ପାଇଥିବାବେଳେ ୨୦୧୯ ମସିହାରେ ବୃଦ୍ଧି ଘଟି ଡଲଫିନ ସଂଖ୍ୟା୧୪୫ରେ ପହଂଚିଥିଠଲା। ୨୦୨୦ମସିହାରେ ବୃଦ୍ଧ ପାଇ୧୫୪ରେ ପହଂଚିଥିଠବା ବେଳେ ୨୦୨୧ରେ ୧୫୮ ରେ ପହଂଚି ଥିଲା। ଚିଲିକାରେ ଗତ ୨୦୨୩ ମସିହା ଓ ୨୦୨୪ ମସିହା ୨ବର୍ଷ ଡ଼ଲଫିନ ସଂଖ୍ୟା ହ୍ରାସ ପାଇଥିବା ବେଳେ ଗତ ୨୦୨୫ ମସିହାରେ ଚିଲିକାରେ ଇରାୱାଡ଼ି ଡ଼ଲଫିନ ସଂଖ୍ୟା ବୃଦ୍ଧି ପାଇ୧୬୦ରେ ପହଁଚିଥିବା ବିଭାଗୀୟ ଗଣନାରୁ ଜଣାପଡିଥିଲା।

